## ସଂକ୍ଷେପରେ

### ଆଠଗାଁ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର




ବଲାଙ୍ଗୀର,୨୪।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଡ. ପବିତ୍ର ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବୁଧବାର ଆଠଗାଁ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାକ୍ଷରତା କ୍ଲବ ସଦସ୍ୟଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ନ୍ୟାୟିକ ଅଧିକାରୀ ଅର୍ଘ୍ୟରୂପା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସ୍କୁଲ ପ୍ରଧାନ ଶିକ୍ଷକ ରୋହିତଶ୍ୱ ଯୋଷୀ ଏବଂ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଶିବିରରେ ସାମ୍ବିଧାନିକ ଅଧିକାର, ମୌଳିକ ଅଧିକାର ଏବଂ ଆଇନ ବିଷୟରେ ଅତିଥିମାନେ କହିଥିଲେ। ଏଥିସହିତ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଶୁଳ୍କ ସହାୟତା ନମ୍ବର ୧୫୧୦୦ ବିଷୟରେ ଅବଗତ କରାଇଥିଲେ।

### ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ପାଟଣାଗଡ଼,୨୪।୧୦(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ରହ୍ମପୁର ସ୍ଥିତ ସୁଭଦ୍ରା ଭବନଠାରେ ବ୍ଲକ୍ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍ୟାନ ବିଭାଗ ପକ୍ଷରୁ ବିଭିନ୍ନ ଚାଷ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ଉଦ୍ୟାନ କୃଷି କର୍ମଶାଳାରେ ମୁଖ୍ୟତଃ ଆଳୁ,ଡାଲ ଓ ତେଲ ବୀଜ ଉପରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ହର୍ଟିକଲଚର ଡ. ପ୍ରଫୁଲ୍ଲ ଭଞ୍ଜ, ପାଟଣାଗଡ଼ ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୋଦ କୁମାର ସେଠୀ, ବ୍ଲକ କୃଷୀ ଅଧିକାରିଣୀ ରାଜେଶରୀ ଭୋଇ, ଅବିନାଶ ଦାସ, ବେଲପଡା ଓ ଖପ୍ରାଖୋଲ ଉଦ୍ୟାନ ବିଭାଗର ଅଧିକାରୀ,୧୪ ଓ ୧୬ ନମ୍ବର ଜୋନ୍‌ର ଜିଲା ପରିଷଦ, ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

### ଡା. ମୁରଲୀଧର ପାଣିଗ୍ରାହୀଙ୍କ ପରଲୋକ

ବଲାଙ୍ଗୀର,୨୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଫାର୍ମାକୋଲୋଜି ବିଭାଗ ପ୍ରଫେସର ଡା. ମୁରଲୀଧର ପାଣିଗ୍ରାହୀଙ୍କ



ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ମହାବିଦ୍ୟାଳୟ ଶ୍ରେଣୀ ଗୃହରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିବା ସମୟରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ସେଠାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡା. ପାଣିଗ୍ରାହୀ ଭୀମଭୋଇ ଭେଷଜ ମହାବିଦ୍ୟାଳୟରେ ୨୦୧୭ ମସିହାରୁ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ବିଭିନ୍ନ ସମୟରେ ସେ ସୁପରିନ୍‌ଟେଣ୍ଡେଣ୍ଟ ଓ ଇନଚାର୍ଜ ପ୍ରିନ୍ସିପାଲ୍ ଦାୟିତ୍ୱ ତୁଲାଇ ଆସୁଥିଲେ। ବର୍ତ୍ତମାନ ସେ ମେଡିକାଲ୍ ଏଜୁକେଶନ୍ ବିଭାଗର କୋର୍ଡିନେଟର୍ ଦାୟିତ୍ୱରେ ମଧ ରହିଥିଲେ। ଏହା ପୂର୍ବରୁ ସେ ଡାକ୍ତରଖାନାର ଔଷଧାଗାରର ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଛାତ୍ରବତ୍ସଳ ଅଧାପକ ଭାବେ ସୁନାମ ଅର୍ଜନ କରିଥିଲେ। ବୁଧବାର ସକାଳେ ଡା. ପାଣିଗ୍ରାହୀଙ୍କ ମୃତଶରୀରକୁ କଲେଜ ପରିସରରେ ଶେଷ ସମ୍ମାନ ଜଣାଯାଇଥିଲା। ସନ୍ଧ୍ୟାରେ ମେଡ଼ିକାଲ କଲେଜ ଅଡିଟୋରିଅମ୍‌ରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ଠିକାଦାରଙ୍କ ନିମ୍ନମାନର କାମ: ସରପଞ୍ଚ ସଂଘର ପ୍ରତିବାଦ

ଲୋଇସିଂହା,୨୪।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍‌ରେ ବ୍ଲକ ପ୍ରଶାସନ ସରପଞ୍ଚଙ୍କୁ ଅଣଦେଖାକରି ଠିକାଦାର ଲଗାଇ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ କାମ ହାତକୁ ନେଇଛନ୍ତି। ଏହାକୁ ନେଇ ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଡୁଡୁକା ପଞ୍ଚାୟତ ସଭାଗୃହରେ ସଂଘ ସଭାପତି ବିଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ କୁଲଦୀ ମହାନ୍ତିଙ୍କ ଏଭଳି କାର୍ଯ୍ୟକଳାପକୁ ସଂଘ ସଦସ୍ୟ ନାପସନ୍ଦ କରିଥିଲେ। ପ୍ରତିବାଦ ସ୍ୱରୂପ ଆସନ୍ତା ୩୦ ତାରିଖରେ ହେବାକୁଥିବା ସମିତି ବୈଠକକୁ ବର୍ଜନକରିବା ସହ ବ୍ଲକ ଓ ପଞ୍ଚାୟତସ୍ତରରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକପରେ ବିଡିଓ ମହାନ୍ତିଙ୍କୁ ସଂଘ ସଦସ୍ୟ ସାକ୍ଷାତକରି ଏହା ଜଣାଇ ଅସନ୍ତୋଷ ଜାହିର କରିଥିଲେ। ପ୍ରକାଶ ଯେ, ପଞ୍ଚାୟତସ୍ତରରେ ଥିବା ପଶୁ ନିରୀକ୍ଷକ କାର୍ଯ୍ୟାଳୟ(ଏଲ୍ଆଇ ସେଣ୍ଟର),ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ଯୋଗାଇ ଦିଆଯାଉଛି। ଏହିକ୍ରମରେ ଆଗଲପୁର ବ୍ଲକ୍‌କୁ ୩୨ ଲକ୍ଷ ୪୦ହଜାର ଅନୁଦାନ ମିଳିଛି। ସରପଞ୍ଚ ସଂଘର କହିବା ଅନୁଯାୟୀ, ସରକାରଙ୍କ ପତ୍ର ମୁତାବକ ଉପରୋକ୍ତ ମରାମତି ଓ ରକ୍ଷଣାବେକ୍ଷଣ କାମ ପାଇଁ ପଞ୍ଚାୟତ ପକ୍ଷରୁ ସମଗ୍ର ଶିକ୍ଷା ଅଭିଯାନ ନାମରେ ଗୋଟିଏ ଲେଖାଏ ପାସ୍‌ବୁକ୍ ଖୋଲି ଦିଆଯାଇଛି। ଏବେ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଅଣଦେଖାକରି ପଞ୍ଚାୟତ ବାହାରର ଠିକାଦାର ଲଗାଇ କାମ ସମ୍ପାଦନ କରାଯାଉଛି। ମରାମତି କାମ ନିମ୍ନମାନର ହେଉଥିବାରୁ ସରପଞ୍ଚମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ପଞ୍ଚାୟତକୁ କ୍ଷମତା କେନ୍ଦ୍ରୀଭୂତ କରୁଥିବା କହୁଥିବାବେଳେ ବ୍ଲକ୍ ପ୍ରଶାସନର ଏପରି ମନମୁଖି କାର୍ଯ୍ୟ ପ୍ରତିବାଦରେ ବୁଧବାର ସଂଘ ସଦସ୍ୟ ଏକାଠି ହୋଇଥିବା ସେମାନେ କହିଛନ୍ତି। ଏସମ୍ପର୍କରେ ବିଡିଓ କୁଲଦୀପ ମହାନ୍ତିଙ୍କୁ ପଚାରିବାରୁ, ଯଦି ପଞ୍ଚାୟତକୁ କାମ ଦିଆଯାଇଥାନ୍ତା ତେବେ ପିଇଓମାନଙ୍କ ନାମରେ କାର୍ଯ୍ୟାଦେଶ ରହିଥାନ୍ତା। ଏହା ଯନ୍ତ୍ରୀଙ୍କମାନଙ୍କ ନାମରେ କାର୍ଯ୍ୟାଦେଶ ରହିଛି ବୋଲି ବିଡିଓ ମହାନ୍ତି କହିଛନ୍ତି।



ପ୍ରତିବାଦରତ ଆଗଲପୁର ବ୍ଲକ୍ ସରପଞ୍ଚ ସଂଘ ସଦସ୍ୟ।

**ସମିତି ବୈଠକ ବର୍ଜନ କରିବାକୁ ଚେତାବନୀ**

# ଜିଲା କାର୍ଯ୍ୟକାରିଣୀ ବୈଠକ, ନୂଆଁଖାଇ ଭେଟଘାଟ

ଖପ୍ରାଖୋଲ,୨୪।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଓୟୁଜେ ବଲାଙ୍ଗୀର ଜିଲା ଶାଖାର କାର୍ଯ୍ୟକାରିଣୀ କମିଟି ବୈଠକ ଓ ନୂଆଁଖାଇ ଭେଟଘାଟ ରବିବାର ଜିଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର, ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ସଂଘର ପୂର୍ବତନ ବରିଷ୍ଠ ସଦସ୍ୟ ବିଜୟ କୁମାର ମିଶ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ସଦାଶିବ ସରାଫ, ଦୀପକ ସମଜଦାର, ବଂଶୀଧର ସେଠ, ସୁବୋଧ ମେହେର, ପ୍ରଭଞ୍ଜନଜିତ୍ ସାଲୁଜା, ଶ୍ରୀବତ୍ସ ବେହେରା, ଦୀପକ ଦାସ ଯାଦବ, ରତୁରାଜ ସିଂ, ସରୋଜ ମିଶ୍ର ପ୍ରମୁଖଙ୍କୁ ଟ୍ରଫି ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ କାର୍ଯ୍ୟକାରିଣୀ କମିଟି ବୈଠକ ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଙ୍ଗଠନ ସମ୍ପାଦକ ରତୁରାଜ ସିଂ, ଜିଲା ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ, ଉପସଭାପତି ପ୍ରଭଞ୍ଜନ ସାଲୁଜା, ସମ୍ପାଦକ ତାପସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଏଥିସହ ସଦସ୍ୟତା ନବୀକରଣ, ସଙ୍ଗଠନରୁ ଇସ୍ତଫା ଦେଇଥିବା ସଦସ୍ୟଙ୍କ ଇସ୍ତଫା ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ଭୋଇ, ଲଳିତ ମିଶ୍ର, ତରୁଣ ବେହେରା, ଅନିଲ ତ୍ରିପାଠୀ, ସୁରଦାସ ବାଗ, ପୁଷ୍ପକେତୁ ବେହେରା, ଜ୍ୟୋତିରଞ୍ଜନ ପଣ୍ଡା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ଭୋଜରାଜ ବରିହା, ଧନମତ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପଶାୟତ, ସଞ୍ଜୟ ବେହେରା, ଲଳିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ନାତକୋତ୍ତର ଇତିହାସ ବିଭାଗର ସ୍ୱାଗତ ସମାରୋହ



ସ୍ୱାଗତ ସମାରୋହରେ ଉପସ୍ଥିତ ଇତିହାସ ବିଭାଗ ଛାତ୍ରୀମାନଙ୍କ ସହ ଅଧ୍ୟକ୍ଷ, ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟାପିକା, ଅଧ୍ୟାପକ।

ବଲାଙ୍ଗୀର,୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ବୁଧବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାଗତ ସମାରୋହରେ ଇତିହାସ ବିଭାଗ ଦ୍ୱିତୀୟ ବର୍ଷ ସ୍ନାତକୋତ୍ତର ଛାତ୍ରୀମାନେ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ ଛାତ୍ରୀମାନେ ଐତିହାସିକ ବିଷୟବସ୍ତୁ ଉପରେ ଆଧାରିତ କ୍ଷୁଦ୍ର ନାଟିକା ମର୍ଦ୍ଦନ ଦରବାର ପରିବେଷଣ କରିଥିଲେ। ଛାତ୍ରୀ ପଙ୍କଜିନୀ ପୋଢ଼ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ସ୍ୱାଗତ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଅରବିନ୍ଦ ଓଝା, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ଇତିହାସ ବିଭାଗ ମୁଖ୍ୟ ଡ. ମିନତୀ ଦେବତା, ଅଧ୍ୟାପିକା ଡ. ଅର୍ପିତା ବେହେରା, ଡ. ସିଦ୍ଧେଶ୍ୱର ପ୍ରଧାନ, ଦିନେଶ ସିଂ, ବିରଞ୍ଚି ପ୍ରଧାନ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଓଝା ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷାନୁଷ୍ଠାନର ଶୃଙ୍ଖଳା ଏବଂ ଶୈକ୍ଷିକ ପରିବେଶ ଉପରେ କହିଥିଲେ। ଛାତ୍ରୀମାନଙ୍କ ଶିକ୍ଷା ଏବଂ ସୃଜନ ପ୍ରତିଭାର ବିକାଶ ପାଇଁ କଲେଜରେ ସବୁ ପ୍ରକାର ଉଦ୍ୟମ କରିବାକୁ ସେ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ଦେବତା ସ୍ୱାଗତ ସମାରୋହ ଜରିଆରେ ଛାତ୍ରୀମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଏବଂ ଶୈକ୍ଷିକ ବାତାବରଣ ସୃଷ୍ଟିର ଉଦ୍ୟମ କରାଯାଇଛି ବୋଲି କହିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀମାନେ ଆୟୋଜନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଦ୍ୱିତୀୟ ବର୍ଷ ପିଜି ଛାତ୍ରୀ ଅଙ୍କିତା ପଟେଲ ନୂଆ ଛାତ୍ରୀଙ୍କୁ ସ୍ୱାଗତ କରିବା ଅବସରରେ ନାଟକ ପ୍ରସ୍ତୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ଅମିତା ସାହୁ, ଦୀପାଞ୍ଜଳି ସାହୁ, ରିଙ୍କି ସେଠୀ, ରଶ୍ମି ପୋଢ଼, ପଙ୍କଜିନୀ ପୋଢ଼, ଦେବଦୀପା ମିଶ୍ର, ତୃପ୍ତି କ୍ଷେତି, ପ୍ରିୟଙ୍କା ରଣା, ଆଲିଶା ରଣା, ଜୟନ୍ତୀ ଗାଗରିଆ, ରିତିସ୍ମିତା ଦେହୁରୀ, ଅଙ୍କିତା ଖମାରୀ, ବବିତା ତ୍ରିପାଠୀ, ଯଶୋବନ୍ତୀ ବାଗ, ପ୍ରିୟା ସାହୁ, ପ୍ରତିମା ସାହୁଙ୍କ ସମେତ ଅନ୍ୟ ଛାତ୍ରୀମାନେ ଉପସ୍ଥିତ ଥିଲେ।

### ଚୋରକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଦେଓଗାଁ,୨୪।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉଡ଼ାର ଗ୍ରାମବାସୀ ୩ ଜଣ ଚୋରଙ୍କୁ ଧରି ପୋଲିସକୁ ଜିମା ଦେଇଛନ୍ତି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ସୂଚନା ମୁତାବକ, ବୁଧବାର ଭୋରୁ ୩ ଯୁବକ ଉଡ଼ାର ଗ୍ରାମରେ ବନ୍ଧାହୋଇଥିବା ୨ଟି ଛେଳିକୁ ଚୋରି କରି ନେଇଥିଲେ। ସ୍ଥାନୀୟ ବନ୍ଧ ନିକଟରେ ୨ଯୁବକ ତାଙ୍କୁ ଦେଖି ପାଟି କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ଲୋକ ଆସି ୩ ଜଣଙ୍କୁ କାବୁ କରିଥିଲେ।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ: ଜଣେ କୋର୍ଟ ଚାଲାଣ

ଖପ୍ରାଖୋଲ,୨୪।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ବରବାହାଲି ଗାଁର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଓଡିଆପାଲି ପଞ୍ଚାୟତ ଭାଲୁ ଦୁଙ୍ଗୁରି ଗାଁର ଜଣଙ୍କୁ ଖପ୍ରାଖୋଲ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସତ୍ୟନାରାୟଣ ସାହୁ (୫୦)। ଅଭିଯୋଗ ଅନୁସାରେ ମହିଳା ଜଣକ ନିକଟ ଜଙ୍ଗଲରେ ଛେଳି ଚରାଉ ଥିବା ବେଳେ ଅଭିଯୁକ୍ତ ବାଳାତ୍କାର ଉଦ୍ୟମ କରିଥିଲେ। ମହିଳା ଚିତ୍କାର କରିବାରୁ ସେ ଚାଲିଯାଇଥିଲେ। ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଖପ୍ରାଖୋଲ ଥାନାରେ କେସ ନଂ.୨୪୭/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସଆଇ ଲିଙ୍ଗରାଜ କିଷାନ ପ୍ରକାଶ କରିଛନ୍ତି।

# ୧୬୮ ପ୍ରତିଯୋଗୀ ପୁରସ୍କୃତ, ୨୫ ରାଜ୍ୟସ୍ତରକୁ ମନୋନୀତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଲୋଇସିଂହା,୨୪।୧୦(ସୁଶାନ୍ତ ବାରିକ)

**ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ**

ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୪୪ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ୧୪ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ୨୯୩ ପ୍ରତିଯୋଗୀ ଭାଗନେଇଥିଲେ। ସେଥିମଧ୍ୟରୁ ୧୬୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ତନ୍ମଧ୍ୟରୁ ୨୫ ଜଣ ପ୍ରତିଯୋଗୀ ନଭେମ୍ବର ୫ ରୁ ୮ ପର୍ଯ୍ୟନ୍ତ କେନ୍ଦୁଝରରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି,ସ୍ଥାନୀୟ ଷ୍ଟାଡିୟମ ପରିଚାଳନା କମିଟି ସଭାପତି ଦିଲୀପ କୁମାର ବେହେରା,ସରପଞ୍ଚ ନବକିଶୋର ନାଏକ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା,ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମେହେର,ବିଡିଓ ଅକ୍ଷୟପାଣି ଉଦ୍ଗୁ, ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର,ଦେଓଗାଁ,ପୁଇଁତଳା,ମୁରୁବାହାଲ,ବେଲପଡା,ଗୁଡଭେଲା ବ୍ଲକର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଇଓ ରୀନା କୁମାରୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ପାତ୍ର ୩ ଦିନିଆ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିବାବେଳେ କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ସଭା ସଂଯୋଜନ କରିଥିଲେ।

# କଣ୍ଟାବାଞ୍ଜି ମହାବିଦ୍ୟାଳୟ ପକ୍ଷରୁ ଲେଖକ ଦେଖା କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି,୨୪।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେ ଭି କଲେଜର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦ୍ୱାରା ଲେଖକ ଦେଖା ' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲେଖକ ଦେଖାରେ ଛାତ୍ରୀଛାତ୍ରମାନେ ବଲାଙ୍ଗୀର ଯାଇ ସାହିତ୍ୟିକ ସଂଦୀପ କୁମାର କୁଆଁର, ଗାଳ୍ପିକ ପ୍ରଦୀପ କୁମାର ମିଶ୍ର, ଗାଳ୍ପିକା ଡ.ମଞ୍ଜୁଳା ପଣ୍ଡା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା ଗାୟତ୍ରୀ ସରାଫ, ପ୍ରବନ୍ଧିକା ଡ. ସୁଷମା ମଞ୍ଜରୀ ନାୟକ ଏବଂ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଉମା ବଲ୍ଲ ମହାପାତ୍ର ପ୍ରମୁଖଙ୍କୁ ଦେଖାକରି କଥାବାର୍ତ୍ତା ହେଇଥିଲେ। ଲେଖିକା ଲେଖକମାନେ ଏଭଳି କାର୍ଯ୍ୟକ୍ରମକୁ ଅନେକ ପ୍ରଶଂସା କରିଥିଲେ। ଡ. ସଞ୍ଜୟ ମିଜର୍ଞ୍ଜି ଉଦ୍ୟମ କ୍ରମେ ଛାତ୍ରୀ ଲକ୍ଷ୍ମୀ ସାହୁ, ଅଭିଜ୍ଞା ଥପା, ଧନମତି ମାହାର, ଶୁଭଶ୍ରୀ ବିଶ୍ୱାଳ, ନିହାରିକା କମ୍ପ, ଅଙ୍କିତା ନାଏକ, ଗୁଣ୍ଡିଚା ସାହୁ , ତୁଳସୀ ପୁଟେଲ, ଆକାଶ ରଣା, କୌଶଲ୍ୟା ବାଗ ଓ ଛାତ୍ର ବିମଳ ଦନସେନା, ବେଣୁ ନାଗ, ଆଲୋକ କରଣ, ଚନ୍ଦନ ମହାନନ୍ଦ, ବାବୁକା ଛୁରା ପ୍ରମୁଖ ଏଥିରେ ଭାଗ ନେଇଥିଲେ।



ଲେଖିକା ଲେଖକଙ୍କ ସହ ଛାତ୍ରୀଛାତ୍ରମାନେ।

# ନଭେମ୍ବର ୧ରେ ବଲାଙ୍ଗୀର ଦିନ୍ ଉତ୍ସବ

ବଲାଙ୍ଗୀର,୨୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ନଭେମ୍ବର ୧ ତାରିଖରୁ ୨ଦିନିଆ ବଲାଙ୍ଗୀର ଦିନ୍ ଉତ୍ସବ ଆରମ୍ଭ ହେବ। ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପିପି ଏକାଡେମୀ ସଭାଗୃହରେ ବଲାଙ୍ଗୀର ଦିନ୍ ପାଳନକୁ ନେଇ ଗୁରୁବାର ଅପରାହ୍ଣରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ଦିନ ଉତ୍ସବ ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଠାରୁ ଆର୍ଟ ଆଣ୍ଡ କ୍ରାଫ୍ଟ, ମେହେନ୍ଦି ଓ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୬ତାରିଖରେ ଫେନ୍ସି ଡ୍ରେସ, ର୍ୟାମ୍ପ ସୋ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୭ରେ ଆମ ପିଠାମଡା, ନୃତ୍ୟ ପ୍ରତିଯୋଗିତା, କ୍ରିକେଟ ମ୍ୟାଚ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୨୮ରେ ରଙ୍ଗୋଲି ଏବଂ ବଲାଙ୍ଗୀର ଭିତ୍ତିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୯ରେ ଶଙ୍ଖ ଫୁଙ୍କା, ହୁଳାହୁଳି, କବିତା ଆସର, ଆଲୋଚନାଚକ୍ର ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ନଭେମ୍ବର ୧ ସକାଳ ୮ଟାରୁ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବ। ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଦୁର୍ଗା ମନ୍ଦିର ଦେଇ ପରିକ୍ରମା କରିବା ପରେ ପୁଣି କୋଶଳ କଳା ମଣ୍ଡଳକୁ ଫେରିବ। ଉକ୍ତ ସନ୍ଧ୍ୟାରେ ବଲାଙ୍ଗୀରବାସୀ ନିଜ ନିଜ ଘରେ ଝୋଟି ଓ ଦୀପ ପ୍ରଜ୍ୱଳନ କରିବାକୁ ଆୟୋଜକ କମିଟି ପକ୍ଷରୁ ନିବେଦନ କରାଯାଇଛି। ନଭେମ୍ବର ୨ ତାରିଖରେ ସାଂସ୍କୃତିକ ସନ୍ଧ୍ୟା ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଆମନ୍ତ୍ରିତ ଅତିଥିମାନେ ଯୋଗଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ କଳାକାର ଓ କଳା ସଙ୍ଗଠନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପାଣିଗ୍ରାହୀଙ୍କ ସମେତ ଅଭ୍ୟର୍ଥନା କମିଟି ସଭାପତି ଡ. ଶ୍ରୀକର ମିଶ୍ର, ସଂଯୋଜକ ଲୋଟସ ଷଡଙ୍ଗୀ, ବିଧୂଭୂଷଣ ତ୍ରିପାଠୀ, ଦିନେଶ ଶର୍ମା, ସଙ୍ଗୀତା ଦାଶ ଓ ସମ୍ପାଦକ ବିନୋଦ କାଲସାଏ ଉପସ୍ଥିତ ଥିଲେ।




ବଲାଙ୍ଗୀର ଦିନ୍ ଉତ୍ସବ ପାଇଁ ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

# ବୁଢ଼ାରଜା ଛକରୁ ହଟିବେ ଜବରଦଖଲକାରୀ

ସୋନପୁର,୨୪।୧୦(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ସଡକ ସୁରକ୍ଷା କମିଟିର ସଦସ୍ୟମାନେ।

**ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ**

- ■ବ୍ଲକ ଛକ-ଜୟଗୁରୁ ମାର୍କେଟ୍ ରାସ୍ତାପାର୍ଶ୍ୱ ଉଠା ଦୋକାନୀ ଭେଣ୍ଡିଂ ଜୋନକୁ ଯିବେ
- ■ଅନୁପସ୍ଥିତ ଅଧିକାରୀଙ୍କୁ କୈଫିୟତ ମଗାଯିବ

ବୁଢାରଜା ଛକରୁ ଜବରଦଖଲକାରୀଙ୍କୁ ହଟାଯିବ। ବ୍ଲକ ଛକ-ଜୟଗୁରୁ ମାର୍କେଟ୍ ରାସ୍ତାପାର୍ଶ୍ୱ ଉଠା ଦୋକାନୀ ଭେଣ୍ଡିଂ ଜୋନକୁ ଯିବେ ବୋଲି ସୁବର୍ଣ୍ଣପୁର ଜିଲା ସଡକ ସୁରକ୍ଷା କମିଟିର ବୈଠକରେ ନିଷ୍ପତ୍ତି ହୋଇଛି। ସଡକ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଗତ ଜାନୁଆରୀରୁ ଅଗଷ୍ଟ ମାସ ମଧ୍ୟରେ ଜିଲାରେ ୩୭ଟି ଦୁର୍ଘଟଣା ଘଟିଥିବା ବେଳେ ୩୮ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ହେଲମେଟ୍ ପିନ୍ଧି ନ ଥିବା ୩ ଜଣ ଓ ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ଜଣେ ବ୍ୟକ୍ତିଙ୍କ ସେପ୍ଟେମ୍ବର ମାସରେ ମୃତ୍ୟୁ ହୋଇଛି। ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଂଖ୍ୟାକୁ ଆହୁରି ହ୍ରାସ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ଯାଇଥିଲା। ଅତିରିକ୍ତ ଜିଲାପାଳ କହିଥିଲେ, ସଡକ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ଉଚିତ। ସେ ଦିଗରେ ଆଗାମୀ ଦିନରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ସୁବର୍ଣ୍ଣପୁର ସହର ବୁଢାରଜା ଛକରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କାର୍ଯ୍ୟ ଜାରି ରହିଛି। କାମ ସରିବା ପରେ ସେଠାରେ ପୋଲିସ ଅଧିକାରୀ ମୁତୟନ ହେବେ। ତେବେ ଛକର ଚତୁଃପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ମ୍ୟୁନିସିପାଲିଟି ଇଓ ଓ ତହସିଲଦାର ଜବରଦଖଲକାରୀଙ୍କୁ ହଟାଇବା ଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯିବ। ସେହିପରି ଜନଗହଳି ପୂର୍ଣ୍ଣ ବ୍ଲକ ଛକ ଠାରୁ ଜୟଗୁରୁ ମାର୍କେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପନିପରିବା ଦୋକାନୀ, ଫଳ ଦୋକାନୀ ଓ ଫାଷ୍ଟ ଫୁଡ୍ ଦୋକାନୀ ପସରା ମେଲାଇଛନ୍ତି। ସେମାନେ ରାସ୍ତା ଉପରକୁ ମାଡି ଆସିବା ଯୋଗୁଁ ଦୁର୍ଘଟଣା ଘଟୁଛି। ତେଣୁ ଉଠା ଦୋକାନୀଙ୍କୁ ବ୍ଲକ ଛକ ପଟାଭାଡି ରାସ୍ତା ପାର୍ଶ୍ୱରେ ନିର୍ମିତ ଭେଣ୍ଡି ଜୋନକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୋନପୁର ଥାନା ପୋଲିସ ଜବତ କରିଥିବା ଏକ କଣ୍ଟେନର ପୁରୁଣା ସୋନପୁର ଥାନା ସମ୍ମୁଖ ରାସ୍ତା ପାର୍ଶ୍ୱରେ ଦୀର୍ଘ ମାସ ଧରି ରହିଛି। ଉକ୍ତ କଣ୍ଟେନରକୁ ରିଜର୍ଭ ପୋଲିସ ପରିସରକୁ ନିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମହାରାଜା ହାଇସ୍କୁଲର ପଛ ପାର୍ଶ୍ୱ ଫାଟକ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ଜଣେ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ତେବେ ବଲାଙ୍ଗୀର ଜାତୀୟ ରାଜପଥ ପ୍ରାଧିକରଣର ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ନିଜେ କିମ୍ବା ତାଙ୍କ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ବୈଠକରେ ଯୋଗ ନ ଦେବା ନେଇ ଅତିରିକ୍ତ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କୁ କୈଫିୟତ ମାଗିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଚେକିଂକୁ କଡାକଡି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପୋଲିସ ଡିଏସ୍‌ପି ଚନ୍ଦ୍ର ଶେଖର ଶବର, ଏମଭିଆଇ ବିଶ୍ୱ ରଞ୍ଜନ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, ଇଂ ବିଶ୍ୱଜିତ ଦାସ, ଜିଲା ସଡକ ସୁରକ୍ଷା କମିଟିର ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ବସ ମାଲିକ ସଂଘର ପୁରୁଷୋତ୍ତମ ପାଣିଗ୍ରାହୀ, ଟ୍ରକ୍ ମାଲିକ ସଂଘ ଭାସ୍କର ଚନ୍ଦ୍ର ଦାଶ ଓ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

# ଜିଲା ଟ୍ରେଜେରି ସମ୍ମୁଖରେ ବିକ୍ଷୋଭ



ଜିଲା ଟ୍ରେଜେରି ସମ୍ମୁଖରେ କ୍ଲର୍କମାନଙ୍କ ବିକ୍ଷୋଭ।

ବୌଦ୍ଧ,୨୪।୧୦(ଅଜିତ କୁମାର ବାରିକ)

- ■ବୌଦ୍ଧ ଜିଲା ଟ୍ରେଜେରୀରେ ମିଳୁନି ଷ୍ଟାମ୍ପ
- ■କଳାବଜାରି ଅଭିଯୋଗ କଲେ ଓକିଲ କ୍ଲର୍କ

ବୌଦ୍ଧ ଜିଲା ଟ୍ରେଜେରିରେ ଷ୍ଟାମ୍ପ ମିଳୁ ନ ଥିବାରୁ କୋର୍ଟ କାର୍ଯ୍ୟରେ ବହୁ ଅସୁବିଧା ହେଉଛି। ଏ ନେଇ ଓକିଲ କ୍ଲର୍କଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର କ୍ଲର୍କମାନେ ଜିଲା ଓକିଲ ସଂଘ ସଭାପତିଙ୍କୁ ଜଣାଇବା ସହ ଜିଲା ଟ୍ରେଜେରି ଆଗରେ ବିକ୍ଷୋଭ କରିବା ସହ ଜିଲା ଟ୍ରେଜେରି ଅଧିକାରୀଙ୍କୁ ମଧ୍ୟ ଦାବି ଜଣାଇଥିଲେ। କୋର୍ଟ କାର୍ଯ୍ୟରେ ସବୁ ସମୟରେ ଷ୍ଟାମ୍ପ ଦରକାର ପଡୁଥିବା ବେଳେ ବୌଦ୍ଧ ଜିଲାରେ ଦୀର୍ଘ ୬ ମାସ ହେବ ୧ ଟଙ୍କିଆ ଓ ୨ ଟଙ୍କିଆ ଷ୍ଟାମ୍ପ ମିଳୁ ନାହିଁ। ଫଳରେ କୋର୍ଟ କାର୍ଯ୍ୟରେ ଓକିଲ କ୍ଲର୍କ ଓ ସାଧାରଣ ଲୋକ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହେଉଛି। ଫଳରେ ବାଧ ହୋଇ ଅଧିକ ଦରର ଷ୍ଟାମ୍ପ ଲଗାଉ ନ ଥିବା ଯୋଗୁ ସାଧାରଣ ଲୋକ କ୍ଷତିରେ ରହୁଥିବା ଅଭିଯୋଗ କରିଛନ୍ତି। ଏପେଟ ଷ୍ଟାମ୍ପ କଳାବଜାରୀ ହେଉଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ। ଜିଲା ଟ୍ରେଜେରୀ ଅଧିକାରୀ ଏ ନେଇ ପଦକ୍ଷେପ ନେବାକୁ କ୍ଲର୍କମାନଙ୍କୁ କହିଥିଲେ। ଦାବି ଜଣାଇବା ସମୟରେ ବିରେନ୍ଦ୍ର କୁମାର ସେଠି, ଜିତେନ ସାହୁ, ବିଜୟ ପ୍ରଧାନ, ହୃଷୀକେଶ ତରିଆ, ସୁରଜ କୁମାର ବେହେରା, ଇନ୍ଦୁ ଭୁଷଣ ମିଶ୍ର, ଶମ୍ଭୁ ପ୍ରସାଦ ବେହେରା, ପ୍ରଭାତ ସାହୁ, ପଙ୍କଜ ମେହେର, ଶାଶାଙ୍କ ଶେଖର ମିଶ୍ର, ସବୋଧ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ରହିଲେ ନୀରୋଗ ରହିବା

ଅମରପାଲି,୨୪।୧୦(ପୀତାମ୍ବର ସାହୁ)

**ଜିଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ାକ୍ତର ଗୋପାଳଚନ୍ଦ୍ର ମଲ୍ଲିକ, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା କୁଏତ, ଅଣସଂକ୍ରାମକ ରୋଗର ସଂଯୋଜିକା ଗୀତାଞ୍ଜଳୀ ମେହେର ଓ ପିଏସ୍‌ଡବ୍ଲ୍ୟୁ ଶିବ କର୍ମୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ସହିତ ମାନସିକ ରୋଗୀ ସମ୍ପୂର୍ଣ୍ଣ ଚିକିତ୍ସା ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇ, ସୁଷମ ଖାଦ୍ୟ ଗ୍ରହଣ କରି, ନିଶାଦ୍ରବ୍ୟରୁ ନିବୃତ ରହିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହା ସହିତ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବାରେ ସହାୟକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଣ ସଂକ୍ରାମକ ରୋଗର ସଂଯୋଜିକା ଗୀତାଞ୍ଜଳୀ ମେହେର ସ୍କୁଲ ଲେଭେଲରେ ତମାଖୁ ମୁକ୍ତ ଉପରେ ଆବଶ୍ୟକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ ସଭାରେ ସ୍କୁଲର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଅଧ୍ୟାପିକା ସନ୍ତୋଷିନୀ ନାୟକ, ହିସାବ ରକ୍ଷକ ଅଭିନାଶ ହୋତା, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅନୁପ ରଞ୍ଜନ ଦାସ ଓ ଟୀକାରାମ ପଟେଲ ସହଯୋଗ କରିଥିଲେ। ୧୦ଜଣ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପିକା ଗୀତାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଟୁରପଙ୍କ କ୍ରିକେଟ କପର ପ୍ରସ୍ତୁତି ବୈଠକ



ଲୁଟୁରପଙ୍କ କ୍ରିକେଟ କପ ପାଇଁ ପ୍ରସ୍ତୁତି ବୈଠକ।

ଅମରପାଲି,୨୪।୧୦(ପୀତାମ୍ବର ସାହୁ)

**ଟୁର୍ନାମେଣ୍ଟ ପରିଚାଳନା କମିଟି ଗଠିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଟୁରପଙ୍କ ସ୍ଥିତ ହାଇସ୍କୁଲ ପଡିଆରେ ଆସନ୍ତା ଡିସେମ୍ବର ୨୨ରେ ହେବାକୁ ଥିବା ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ପୂର୍ବତନ ସଭାପତି ସୁଧୀର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ସୁଶିଲ ପ୍ରଧାନ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଗତ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା। ଏହା ପରେ ସର୍ବସମ୍ମତିକ୍ରମେ ଟୁର୍ନାମେଣ୍ଟ ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସୁଶିଲ କୁମାର ପ୍ରଧାନଙ୍କୁ ସଭାପତି, ଟୁଟୁ ମହାକୁର ଉପସଭାପତି, ମାଧବ ମହାକୁରଙ୍କୁ ସମ୍ପାଦକ, ଆଶିଷ ମେହେରଙ୍କୁ ସହ ସମ୍ପାଦକ ଏବଂ ଦେବରାଜ ମହାକୁରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହା ସହିତ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ସୁଧୀର ପ୍ରଧାନ, ଶଶାଙ୍କ ପ୍ରଧାନ, ସନାତନ ମହାକୁର, ସୁନିଲ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ରାଧା ମାଧବ ବେହେରା, ଜୟପ୍ରକାଶ ସାହୁ, ଶ୍ୟାମସୁନ୍ଦର ପଣ୍ଡା, ସତ୍ୟ ମହାକୁର, ପ୍ରମୋଦ ବେଦୋକ୍ତା ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ରାଧାକାନ୍ତ ବାଘଙ୍କୁ ଆଇନ ପରାମର୍ଶଦାତା ଏବଂ ପୀତାମ୍ବର ସାହୁଙ୍କୁ ଟୁର୍ନାମେଣ୍ଟର ସଂଯୋଜକ ଭାବେ ମନୋନୀତ କରାଯାଇଛି। ଚଳିତବର୍ଷ ଟୁର୍ନାମେଣ୍ଟକୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରସ୍ତାବ ଦିଆ ଯାଇଥିଲା। ଏଥିରେ ନିଜର ସମ୍ପୂର୍ଣ୍ଣ ସହଯୋଗ ଜାରି ରହିବ ବୋଲି ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରତିଶ୍ରୁତି ଦେଲେ। ଏହା ସହିତ ଟୁର୍ନାମେଣ୍ଟର ବିଭିନ୍ନ ପ୍ରସଙ୍ଗ ଉପରେ ସନାତନ ମହାକୁର, ସୁନିଲ ପ୍ରଧାନ, ସୁଦାମ ପ୍ରଧାନ, ପୀତାମ୍ବର ସାହୁ, ରାକେଶ ପ୍ରଧାନ, ବଶିଷ୍ଠ ମଲ୍ଲିକ, ସତ୍ୟରାଜ ପଧାନ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଚଳିତବର୍ଷ ଟୁର୍ନାମେଣ୍ଟ ୨୮ ବର୍ଷରେ ପହଞ୍ଚିଛି। ଏଥିରେ ସର୍ବମୋଟ ରାଜ୍ୟ ଓ ରାଜ୍ୟ ବାହାର ବଛାବଛା ୯ଟି ଦଳ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବଙ୍ଗଳାଦେଶ କିମ୍ବା ନେପାଳ ଦେଶର ଗୋଟିଏ ଟିମ୍‌କୁ ଅଂଶଗ୍ରହଣ କରୁ ବୋଲି ଉପସ୍ଥିତ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଯଦି ସମ୍ଭବ ହେବ ଦେଶ ବାହାରୁ ଏକ ଟିମ୍‌କୁ ଟୁର୍ନାମେଣ୍ଟରେ ସାମିଲ ପାଇଁ ଚେଷ୍ଟା କରାଯିବ ବୋଲି ନୂତନ ପରିଚାଳନା କମିଟି ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୁଇଟି ଫର୍ମାଟ ଟି-୨୦ ଓ ଟି-୧୦ରେ ମ୍ୟାଚ କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ଏହା ସହିତ ପୁରସ୍କାର ରାଶି, ଅତିଥି ଦଳ ଚୟନ ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ନୂତନ ସମ୍ପାଦକ ମାଧବ ଚନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଦ୍ଧରେ ମୁରାସୁରଙ୍କ ପୁତ୍ରନାତି ନିହତ

ଅମରପାଲି,୨୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀରେ ୪୨ ତମ ଗଜଲକ୍ଷ୍ମୀ ପୂଜା ଅବସରରେ ହେଉଥିବା ମୁରାସୁର ଦରବାରର ଗୁରୁବାର ଥିଲା ଅଷ୍ଟମ ସନ୍ଧ୍ୟା। ଏହି ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ମୁରାସୁରଙ୍କ ନିକଟରେ ଦେବର୍ଷି ନାରଦ ପହଞ୍ଚି ଶେଷ ନୃସିଂହଙ୍କ ଖାଦ୍ୟରେ ବିଷ ଦେଇ ମାରିବାକୁ କହିବା ସହିତ ତାଙ୍କ ଘରେ ନିଆଁ ଲଗାଇ ଦେବାକୁ ମନ୍ତ୍ରଣା ପ୍ରଦାନ, ଶେଷ ନୃସିଂହଙ୍କୁ ମାରିବାରେ ମୁରାସୁର ବିଫଳ, ଶେଷ ନୃସିଂହଙ୍କ ସହିତ ମୁରାସୁରର ପୁତ୍ର ନାତିଙ୍କ ମଧ୍ୟରେ ଯୁଦ୍ଧ, ଯୁଦ୍ଧରେ ମୁରାସୁରର ପୁତ୍ର ନାତି ନିହତ, ମୁରାସୁରର ଶୋକ ପରିବେଷଣ ହୋଇଥିଲା। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ରାଜ ଦରବାରରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବରଗଡ଼ ବ୍ଲକ ଅଧ୍ୟକ୍ଷ ଉମେଶ ପଣ୍ଡା, ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃତିବାସ ମିଶ୍ର, ବିଶିଷ୍ଟ ବ୍ୟବସାୟୀ ପ୍ରଶାନ୍ତ ବାବୁ, ପୂର୍ବତନ ଆମ୍ବା ଅଧ୍ୟକ୍ଷ ବିବସ୍ୱତୀ ପଣ୍ଡା ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦପାଣି, ବଳରାମ ପ୍ରଧାନ ଅତିଥିଙ୍କୁ ସାଗତ କରିଥିବା ବେଳେ ବିଦ୍ୟାଧର ଖୁର୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ରାଜ ଗୋପାଳ ପାଣିଗ୍ରାହୀ, କୁଶ କୁମାର ସହୁ, ପ୍ରେମାନନ୍ଦ ଜଟି, ସଭ୍ୟ ଚିତ୍ତରଞ୍ଜନ ସାହୁ, ଗୋପୀନାଥ ପ୍ରଧାନ, ସୁନିଲ ପ୍ରଧାନ, ଶ୍ୟାମ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ବୌଦ୍ଧ,୨୪।୧୦ (ଅଜିତ କୁମାର ବାରିକ)

ବୌଦ୍ଧ ଯୋଗେନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଝିଅପୁଅ ସମସ୍ତ ଶିଶୁ ସମାନ, ସମସ୍ତେ ଭଲ ପାଠ ପଢିବା, ସ୍ୱାବଲମ୍ବୀ ହେବା, ହାତଧୋଇ ଖାଇବା ଓ ନିଜ ନିଜ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ବାଲ୍ୟବିବାହ ନିରାକରଣ ଜିଲା ସଂଯୋଜକ ପ୍ରବିଙ୍କା ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ ଯୋଗଦେଇ ବାଳିକାମାନଙ୍କ ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା





କୁଜୁରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଜିଲାର ୧୨୦ଜଣ ଛାତ୍ରୀ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତରେ କୃତୀ ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଶ୍ରୀ ଅନ୍ନ, ପାରମ୍ପରିକ ଖାଦ୍ୟ ପାଇଁ ବ୍ଲକସ୍ତରୀୟ ବୈଠକ

ହରଭଙ୍ଗା,୨୪।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏଲକେବିକେ ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ଓ ପାରମ୍ପରିକ ଖାଦ୍ୟ ଉପରେ ବ୍ଲକସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଯୋଗଦେଇଥିଲେ। ବିଡିଓ ଶରତ ଚନ୍ଦ୍ର ସେଠି ମିଲେଟ ଚାଷର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପାରମ୍ପରିକ ଖାଦ୍ୟଗୁଡିକ ପୁନଃ ଅନ୍ତର୍ଭୁକ୍ତ କରିବା ଓ ମିଲେଟ ଚାଷକୁ ପ୍ରୋତ୍ସାହନ ଦେବା। ବୈଠକରେ ବିଏଓ ସବ୍ୟସାଚୀ ଦାସ, ଜିଲା ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ର କାର୍ଜି ଉପସ୍ଥିତ ଥିଲେ। ହରଭଙ୍ଗା ବ୍ଲକ ସଂଯୋଜକ ସୀତାକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅମରେନ୍ଦ୍ର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ କୃଷି ମିତ୍ର ଓ ମିଲେଟ କୃଷକ ସ୍ୱୟଂ ସହାୟକ ଦଳ ସଦସ୍ୟ ଯୋଗଦେଇଥିଲେ।

# ମେଢ଼, ତୋରଣ ସାଙ୍ଗକୁ ମିନାବଜାର

ଅମରପାଲି,୨୪।୧୦(ପୀତାମ୍ବର ସାହୁ)



ମୁର୍ଷୁଣୀ ଗଜଲକ୍ଷ୍ମୀ ପୂଜା ଓ ମେଳାରେ ଲୋକଙ୍କ ଗହଳି।

**ମୁର୍ଷୁଣୀ ଗଜଲକ୍ଷ୍ମୀ ପୂଜାରେ ଜମୁଛି ଲୋକଙ୍କ ଗହଳି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀରେ ହେଉଛି ୪୨ତମ ଗଜଲକ୍ଷ୍ମୀ ପୂଜା। ଏଥିପାଇଁ ବେଶ ଉତ୍ସବ ମୁଖର ହୋଇ ପଡିଥିବାବେଳେ ଏହା ଦେଖିବାକୁ ପ୍ରତ୍ୟହ ଲୋକଙ୍କ ଗହଳି ଲାଗିରହୁଛି। ଆକର୍ଷଣୀୟ ମେଢ଼, ସୁଉଚ୍ଚ ତୋରଣ,ରଙ୍ଗୀନ ଆଲୋକ ସାଜସଜ୍ଜା ସହିତ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିବା ମୁରାସୁର ଦରବାର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଗ୍ରାମର ଶତାଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣ କରିଛନ୍ତି। ସକାଳୁ ପ୍ରତ୍ୟହ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ହେଉଛି। ଏହା ସହିତ ଦିନବେଳା ପୁରାଣ ଗାୟକ ପଣ୍ଡିତ ଅଜିତ ଦାସଙ୍କ ଦ୍ୱାରା ରାମାୟଣ ପାରାୟଣ ଗାନ କରାଯାଉଛି। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି। ପୂଜା ଅବସରରେ ଲକ୍ଷ୍ମୀଙ୍କ ମଣ୍ଡପରେ ରାଜଗୋପାଳ ପାଣିଗ୍ରାହୀ ଓ ସାରଳା ପାଣିଗ୍ରାହୀ, ପାରାୟଣ ମଣ୍ଡପରେ ସନ୍ତୋଷ ସମର୍ଥ ଓ ବସନ୍ତି ସମର୍ଥ ଏବଂ ହନୁମାନ ତଥା ଯଜ୍ଞ ମଣ୍ଡପରେ ଟଙ୍କଧର ଦ୍ୱାରୀ ଓ ମମତା ଦ୍ୱାରୀ ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ କରୁଥିବା ବେଳେ ପଣ୍ଡିତ ସଚ୍ଚିଦାନନ୍ଦ ପଣ୍ଡା,ସଦାନନ୍ଦ ପଣ୍ଡା,ବନମାଳୀ ରଥ ଓ ପ୍ରଦୀପ ରଥ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସନ୍ଧ୍ୟାବେଳେ ମୁକ୍ତାକାଶ ରଙ୍ଗ ମଞ୍ଚରେ ଲୀଳା ନାଟକ ମୁରାସୁର ଦରବାର ପରିବେଷଣ କରାଯାଉଛି। ଏହା ସହିତ ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କ ଠାରେ ସନ୍ଧ୍ୟା ଆଳତି ଓ ସାନ୍ଧ୍ୟ ଦର୍ଶନ କରାଯାଉଛି। ମୀନବଜାର, ଚଟ ପଟି ଖାଦ୍ୟର ପସରାର ମଜା ନେଉଥିବା ବେଳେ , ସୌଖିନ ସାମଗ୍ରୀର କିଣାବିକାରେ ମଧ୍ୟ ଭିଡ ହେଉଛି।

# ମହଦା ପଞ୍ଚାୟତ ସେମିଫାଇନାଲରେ

ଅମରପାଲି,୨୪।୧୦(ପୀତାମ୍ବର ସାହୁ)



କ୍ରିକେଟ ଟୁର୍ନାମେଣ୍ଟରେ ବିଜୟୀ ମହଦା ପଞ୍ଚାୟତ ଦଳର ଖେଳାଳି।

**ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଖେଳ ପଡିଆରେ ହେଉଥିବା ୧୫ ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ତିନୋଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ମହଦା ପଞ୍ଚାୟତ ଓ କଳାପଥର ମଧ୍ୟରେ ହୋଇଥିଲା। ଏଥିରେ କଳାପଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ସମସ୍ତ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ମହଦା ପଞ୍ଚାୟତ ଆବଶ୍ୟକ ୫୭ ରନକୁ ୬ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ଭଦ୍ରକ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ମହଦା ପଞ୍ଚାୟତ ଓ ଦ୍ୱିତୀୟ ମ୍ୟାଚର ବିଜେତା ଭଦ୍ରକ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୬୮ରନ କରିଥିଲା। ଜବାବରେ ମହଦା ପଞ୍ଚାୟତ ଦଳ ଆବଶ୍ୟକ ୬୯ ରନକୁ ୬ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରଥମ ମ୍ୟାଚ ପାଇଁ ମହଦା ପଞ୍ଚାୟତର ଅଶୋକ ପ୍ରଧାନ, ଦ୍ୱିତୀୟ ମ୍ୟାଚ ପାଇଁ ଭଦ୍ରକର ପ୍ରଶାନ୍ତ ବିଶି ଓ ତୃତୀୟ ମ୍ୟାଚ ପାଇଁ ମହଦା ପଞ୍ଚାୟତର ବନମାଳୀ ବରିହାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡ଼ିକରେ ସୁବ୍ରତ ବେହେରା, ପ୍ରଫୁଲ୍ଲ ବେହେରା ଅମ୍ପାୟାର, କୁମାର ସେଠୀ ସ୍କୋରିଙ୍ଗ ଏବଂ ରିଙ୍କୁ ଭୁଏ ଧାରାବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପାଣି ମିଟର ଚୋରି ଅଭିଯୋଗ: ଜଣେ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୪।୧୦(ମହେନ୍ଦ୍ର କୁମାର ସାହୁ):** ବୀରମିତ୍ରପୁର ପୌରାଞ୍ଚଳରେ ବିଭିନ୍ନ ସମୟରେ ପାଣି ମିଟର ଚୋରି କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଉକ୍ତ ପାଣି ମିଟର ଚୋରି ଗ୍ୟାଙ୍ଗର ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ହେଉଛନ୍ତି ବିଜୟ ବେକ(୨୭)। ହେଲେ ଉକ୍ତ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଏବେବି ଫେରାର ଅଛନ୍ତି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା(୨୭୧/୨୪) ରୁଜୁ ହୋଇଛି।

### ତାଲା ଭାଙ୍ଗି ଚୋରି: ଥାନାରେ ଅଭିଯୋଗ

**ବଡ଼ଗାଁ,୨୪।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ନିକଟ ଡେମୁପଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ଚୋରି ହୋଇଛି। ଘଟଣା ସମ୍ପର୍କରେ ଗୁରୁବାର ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଥାନା ଏସଆଇ ଶ୍ୟାମଲାଲ ଓରାମ ଓ ଏସଆଇ ଅମ୍ବିକା ପ୍ରସାଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଚପଲ ବେପାରୀ ସମ୍ବାରୁ ରୋହିଦାସ ଘରେ ନ ଥିବା ସୁଯୋଗ ପାଇ ଚୋରମାନେ ତାଲା ଭାଙ୍ଗି ଘରେ ପଶିଥିଲେ। ଘରେ ଥିବା ଚପଲ ୨ ବସ୍ତା, ଖେଳଣା, ବିଭିନ୍ନ ଘର ସାମଗ୍ରୀ, ସୁନା କାନଫୁଲ, ରୁପା ପାଉଁଜି, ମଙ୍ଗଳସୂତ୍ର ବ୍ରତ ଆଦି ବିଭିନ୍ନ ସାମଗ୍ରୀ ସହିତ ନଗଦ ୧୧ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଥାନା ଅଞ୍ଚଳରେ ପ୍ରତି ମାସରେ ୩ରୁ ୪ଟି ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ଜୟ ପ୍ରକାଶ ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଡୁଲି) :** ସୁନ୍ଦରଗଡ଼ ସହର ଜ୍ୟୋତି ନଗରର ଜୟ ପ୍ରକାଶ କୁଜୁର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୫୧୪ ନମ୍ବର ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଓରାମ ସାଂସ୍କୃତିକ ସମାଜ ପକ୍ଷରୁ ସମାଜର ରାଜ୍ୟ ସଭାପତି ତଥା ଭାଜପା ରାଜ୍ୟ ଉପସଭାପତି ସୁକେଶୀ ଓରାମ ଜୟ ପ୍ରକାଶ ଓ ତାଙ୍କ ବାପା କାଶୀନାଥଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓରାମ ସମାଜର ଉପଦେଷ୍ଟା ତଥା ସାମାଜିକ କର୍ମୀ ତ୍ରିନାଥ ଖାଲକୋ, ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କ ନିମ୍ନମାନର କାମ: ସରପଞ୍ଚ ସଂଘର ପ୍ରତିବାଦ

**ଲୋଇସିଂହା,୨୪।୧୦(ସୁଶାନ୍ତ ବାରିକ)**



ପ୍ରତିବାଦରତ ଆଗଲପୁର ବ୍ଲକ୍ ସରପଞ୍ଚ ସଂଘ ସଦସ୍ୟ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍‌ରେ ବ୍ଲକ ପ୍ରଶାସନ ସରପଞ୍ଚଙ୍କୁ ଅଣଦେଖାକରି ଠିକାଦାର ଲଗାଇ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ କାମ ହାତକୁ ନେଇଛନ୍ତି। ଏହାକୁ ନେଇ ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଡୁଡୁକା ପଞ୍ଚାୟତ ସଭାଗୃହରେ ସଂଘ ସଭାପତିବିଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ କୁଳଦୀ ମହାନ୍ତିଙ୍କ ଏଭଳି କାର୍ଯ୍ୟକଳାପକୁ ସଂଘ ସଦସ୍ୟ ନାପସନ୍ଦ କରିଥିଲେ। ପ୍ରତିବାଦ ସ୍ୱରୂପ ଆସନ୍ତା ୩୦ ତାରିଖରେ ହେବାକୁଥିବା ସମିତି ବୈଠକକୁ ବର୍ଜନକରିବା ସହ ବ୍ଲକ ଓ ପଞ୍ଚାୟତସ୍ତରରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକପରେ

**ସମିତି ବୈଠକ ବର୍ଜନ କରିବାକୁ ଚେତାବନୀ**

ବିଡିଓ ମହାନ୍ତିଙ୍କୁ ସଂଘ ସଦସ୍ୟ ସାକ୍ଷାତକରି ଏହା ଜଣାଇ ଅସନ୍ତୋଷ ଜାହିର କରିଥିଲେ। ପ୍ରକାଶ ଯେ, ପଞ୍ଚାୟତସ୍ତରରେ ଥିବା ପଶୁ ନିରୀକ୍ଷକ କାର୍ଯ୍ୟାଳୟ(ଏଲ୍‌ଆଇ ସେଣ୍ଟର),ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି। ଏହିକ୍ରମରେ ଆଗଲପୁର ବ୍ଲକ୍‌କୁ ୩୨ ଲକ୍ଷ ୪୦ହଜାର ଅନୁଦାନ ମିଳିଛି। ସରପଞ୍ଚ ସଂଘର କହିବା ଅନୁଯାୟୀ, ସରକାରଙ୍କ ପତ୍ର ମୁତାବକ ଉପରୋକ୍ତ ମରାମତି ଓ ରକ୍ଷଣାବେକ୍ଷଣ କାମ ପାଇଁ ପଞ୍ଚାୟତ ପକ୍ଷରୁ ସମଗ୍ର ଶିକ୍ଷା ଅଭିଯାନ ନାମରେ ଗୋଟିଏ ଲେଖାଏ ପାସ୍‌ବୁକ୍ ଖୋଲି ଦିଆଯାଇଛି। ଏବେ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଅଣଦେଖାକରି ପଞ୍ଚାୟତ ବାହାରର ଠିକାଦାର ଲଗାଇ କାମ ସମ୍ପାଦନ କରାଯାଉଛି । ମରାମତି କାମ ନିମ୍ନମାନର ହେଉଥିବାରୁ ସରପଞ୍ଚମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ପଞ୍ଚାୟତକୁ କ୍ଷମତା କେନ୍ଦ୍ରୀଭୂତ କରୁଥିବା କହୁଥିବାବେଳେ ବ୍ଲକ୍ ପ୍ରଶାସନର ଏପରି ମନମୁଖି କାର୍ଯ୍ୟ ପ୍ରତିବାଦରେ ବୁଧବାର ସଂଘ ସଦସ୍ୟ ଏକାଠି ହୋଇଥିବା ସେମାନେ କହିଛନ୍ତି। ଏସମ୍ପର୍କରେ ବିଡିଓ କୁଳଦୀପ ମହାନ୍ତିଙ୍କୁ ପଚାରିବାରୁ, ଯଦି ପଞ୍ଚାୟତକୁ କାମ ଦିଆଯାଇଥାନ୍ତା ତେବେ ପିଇଓମାନଙ୍କ ନାମରେ କାର୍ଯ୍ୟାଦେଶ ରହିଥାନ୍ତା। ଏହା ଯନ୍ତ୍ରୀଙ୍କମାନଙ୍କ ନାମରେ କାର୍ଯ୍ୟାଦେଶ ରହିଛି ବୋଲି ବିଡିଓ ମହାନ୍ତି କହିଛନ୍ତି।

# ବ୍ଲକ ସ୍ତରୀୟ ଶ୍ରୀ ଅନ୍ନ ଅଭିଯାନ ଖାଦ୍ୟ ମେଳା



ମେଳାରେ ଯୋଗଦେଇଥିବା ଅତିଥି।

**ବଡ଼ଗାଁ,୨୪।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ କୃଷି ବିଭାଗ କାର୍ଯ୍ୟାଳୟରେ ବୁଧବାର କୃଷି ଓ କୃଷକ ସଶକ୍ତିକରଣ ଅଭିଯାନ ଆନୁକୂଲ୍ୟରେ ସାମାଜିକ ସେବା ସଦନ ପକ୍ଷରୁ ବ୍ଲକ ସ୍ତରୀୟ ଶ୍ରୀ ଅନ୍ନ ଅଭିଯାନ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଏହି ମେଳାରେ ବଡ଼ଗାଁ ବିଡିଓ ସୁମତି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ,ସିଡିପିଓ ସୁଜାତା ବେଗ,ବିପିଏମ ରାଜେଶ କୁଲୁ, ବ୍ଲକ କୃଷି ଅଧିକାରୀ ରିତୁ ରାଣୀ କାଲୋ, ମିଶନ ଶକ୍ତି ବିପିସି ଜେରମ ଖେସ ଯୋଗଦେଇଥିଲେ। ଏହି ମେଳାରେ ମାଣ୍ଡିଆ ଚାଷ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ଲୁଚି ଯାଉଥିବା ଖାଦ୍ୟ ଗୁଡ଼ିକର ପୁନଃ ଉଦ୍ଧାର କରିବା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସାମାଜିକ ସେବା ସଦନର ବ୍ଲକ ସଂଯୋଜକ ଜନ ତିର୍କୀ ଓ ସହ ସଂଯୋଜକ ମନୀଷା କୁଜୁର ପରିଚାଳନା କରିଥିଲେ। ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଚାଷୀମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଜିଲା ସ୍ତରୀୟ ଅନ୍ତର୍ଜାତିକ ବାଳିକା ଦିବସରେ ପୁରସ୍କୃତ ଛାତ୍ରୀମାନେ।

# ଜିଲା ସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ

**ସୁନ୍ଦରଗଡ,୨୪।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ସ୍ତରୀୟ ଅନ୍ତର୍ଜାତିକ ବାଳିକା ଦିବସ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଚତୁର୍ଥରୁ ଦଶମ ଶ୍ରେଣୀରେ ପଢୁଥିବା ବାଳିକାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ଅଭିନୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିବା ସହିତ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ନାରୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଓ ସମସ୍ତ ଝିଅମାନେ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇପାରିବେ ତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ କନକଲତା ନାୟକ ଯୋଗଦେଇ ନାରୀ ପାଠୋଇ ହେଲେ ଗୋଟେ ରାଷ୍ଟ୍ରର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ବଲପୁର ମଣ୍ଡଳ ସ୍ତରୀୟ ବର୍ଣ୍ଣାଳୀ ଉପଦେଷ୍ଟା ନରେନ୍ଦ୍ର ବାରିକ, ଜିଲା ବାଲ୍ୟ ବିବାହ ସଂଯୋଜିକା ମିନାକ୍ଷୀ ପ୍ରଧାନ ଓ ସୁନ୍ଦରଗଡ଼ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେଶ ସାମଲ ଯୋଗଦେଇ କୁନିକୁନି ପିଲାମାନଙ୍କୁ ଶିକ୍ଷା ହିଁ ଜୀବନରେ ଶ୍ରେଷ୍ଠ ଅସ୍ତ୍ର ଓ ଏହି ଅସ୍ତ୍ର ମାଧ୍ୟମରେ ସାରା ବିଶ୍ୱକୁ ପରିବର୍ତ୍ତନ କରାଯାଇପାରେ ଓ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଏହା ବିରୋଧରେ ସମସ୍ତେ ଏକଜୁଟ ହେବା ବୋଲି ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସୁସ୍ମିତା ନାଏକ ଓ ରଥ ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା କବିତା ଦାସ ପରିଚାଳନା କରିଥିବା ବେଳେ ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ: ଜଣେ କୋର୍ଟ ଚାଲାଣ

**ଖପ୍ରାଖୋଲ,୨୪।୧୦(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ବରବାହାଲି ଗାଁର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଓଡିଆପାଲି ପଞ୍ଚାୟତ ଭାଲୁ ଡୁଙ୍ଗୁରି ଗାଁର ଜଣଙ୍କୁ ଖପ୍ରାଖୋଲ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସତ୍ୟନାରାୟଣ ସାହୁ (୫୦)। ଅଭିଯୋଗ ଅନୁସାରେ ମହିଳା ଜଣକ ନିକଟ ଜଙ୍ଗଲରେ ଛେଳି ଚରାଉ ଥିବା ବେଳେ ଅଭିଯୁକ୍ତ ବାଳାତ୍କାର ଉଦ୍ୟମ କରିଥିଲେ। ମହିଳା ଚିତ୍କାର କରିବାରୁ ସେ ଚାଲିଯାଇଥିଲେ। ଏନେଇ ସେ ପାରିବାର ଲୋକଙ୍କୁ ଜଣାଇଥିଲେ। ଖପ୍ରାଖୋଲ ଥାନାରେ କେସ ନଂ.୨୪୭/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁକୋର୍ଟଚାଲାଣ କରାଯାଇଛି ବୋଲି ଏସଆଇ ଲିଙ୍ଗରାଜ କିଷାନ ପ୍ରକାଶ କରିଛନ୍ତି।

# ପ୍ରବାସୀ ଶ୍ରମିକ ପ୍ରଥାର ମୂଳୋତ୍ପାଟନ ହେବ

**ନୂଆପଡ଼ା,୨୪।୧୦ (ମକାରୁ ବେମାଲ)**



ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ।

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ପାଇଁ ସମସ୍ତ ବିଭାଗର ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ସମସ୍ତ ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ସମସ୍ତ ବିଭାଗର ସମ୍ମିଳିତ ଉଦ୍ୟମରେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସେ ଆହୁରି କହିଥିଲେ, ବିଭିନ୍ନ ବିଭାଗର ବିଗତ ଦିନର କାର୍ଯ୍ୟାବଳୀର ସମୀକ୍ଷାରୁ ଜଣାପଡିଛି ଯେ, ଜିଲାରେ ବନ ବିଭାଗ ପକ୍ଷରୁ ୨,୩୭,୬୦୧, ପଞ୍ଚାୟତିରାଜ ବିଭାଗରୁ ୨୩,୮୨,୭୧୦, ଜଳ ବିଭାଜିକା ବିଭାଗ ପକ୍ଷରୁ ୧,୧୪,୩୬୫ ଦିନ କାମ ଯୋଗାଇ ଦିଆଯାଇଛି। ମିଶନ ଶକ୍ତି ତରଫରୁ ୪ କୋଟି ୨ ଲକ୍ଷ ୫୬ ହଜାର ୪୮୦ ଟଙ୍କା ବ୍ୟାଙ୍କ ସହାୟତା ବିଭିନ୍ନ ଶ୍ରମିକ ପରିବାରଙ୍କୁ ଯୋଗାଇ ଦିଆଯାଇଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ପାଳନ, ଏଲ୍‌ଡିଏମ୍ ଆଦି ବିଭାଗ ପକ୍ଷରୁ ମଧ କୃଷକ ଓ ଶ୍ରମିକ ପରିବାରକୁ ସରକାରୀ ସହାୟତା ଓ ବିଭିନ୍ନ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି।

### ଚୋରଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

**ଦେଓଗାଁ,୨୪।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉଡ଼ାର ଗ୍ରାମବାସୀ ୩ ଜଣ ଚୋରଙ୍କୁ ଧରି ପୋଲିସକୁ ଜିମା ଦେଇଛନ୍ତି। ଶୁକ୍ରବାର ସେମାନଙ୍କୁକୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ସୂଚନା ମୁତାବକ, ବୁଧବାର ଭୋରୁ ୩ ଯୁବକ ଉଡ଼ାର ଗ୍ରାମରେ ବନ୍ଧାହୋଇଥିବା ୨ଟି ଛେଳିକୁ ଚୋରି କରି ନେଇଥିଲେ। ସ୍ଥାନୀୟ ବନ୍ଧ ନିକଟରେ ୨ଯୁବକ ତାଙ୍କୁ ଦେଖି ପାଟି କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ଲୋକ ଆସି ୩ ଜଣଙ୍କୁ କାବୁ କରିଥିଲେ।

# ସୁନ୍ଦରଗଡ଼ ସରକାରୀ କଲେଜରେ ସ୍ମାର୍ଟ ନିବେଶକ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୪।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ସ୍ମାର୍ଟ ନିବେଶକ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୁଞ୍ଜିନିବେଶ କରିବା ସମୟରେ ଯେଉଁ ସବୁ ଦିଗ ପ୍ରତି ସତର୍କତା ଅବଲମ୍ବନ କରାଯିବା ଉଚିତ ସେହି ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଶେଷ ବିଶେଷଜ୍ଞ ଭାବେ ଭାରତୀୟ ପ୍ରତିଶ୍ରୁତି ଏବଂ ବିନିମୟ ସଂସ୍ଥାର ମୁଖ୍ୟ ତାଲିମଦାତା ସଂଗ୍ରାମ କେଶରୀ ସାହୁ ଯୋଗଦେଇଥିଲେ। ସେ ସ୍ମାର୍ଟ ନିବେଶରେ ବିଭିନ୍ନ ଦିଗ ତଥା ତହିଁରେ ଥିବା କ୍ଷତି ଭୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ଆଶୁତୋଷ ଝା ସ୍ୱାଗତ ଅଭିଭଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ବିଭିନ୍ନ ପ୍ରଶ୍ନର ଉତ୍ତର ବିଷୟ ବିଶେଷଜ୍ଞ ବିସ୍ତୃତଭାବେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ୧୬୮ ପ୍ରତିଯୋଗୀ ପୁରସ୍କୃତ, ୨୫ ରାଜ୍ୟସ୍ତରକୁ ମନୋନୀତ




ଜଣେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

**ଲୋଇସିଂହା,୨୪।୧୦(ସୁଶାନ୍ତ ବାରିକ)**

ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୪୪ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ୧୪ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ୨୯୩ ପ୍ରତିଯୋଗୀ ଭାଗନେଇଥିଲେ। ସେଥିମଧ୍ୟରୁ ୧୬୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ତନ୍ମଧ୍ୟରୁ ୨୫ ଜଣ ପ୍ରତିଯୋଗୀ ନଭେମ୍ବର ୫ ରୁ ୮ ପର୍ଯ୍ୟନ୍ତ କେନ୍ଦୁଝରରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି,ସ୍ଥାନୀୟ ଷ୍ଟାଡିୟମ ପରିଚାଳନା କମିଟି ସଭାପତି ଦିଲୀପ କୁମାର ବେହେରା,ସରପଞ୍ଚ ନବକିଶୋର ନାଏକ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା,ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମେହେର,ବିଡିଓ ଅକ୍ଷୟପାଣି ଉଦ୍ଧୁ, ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର,ଦେଓଗାଁ,ପୁଇଁତଳା,ମୁରୁବାହାଲ ,ବେଲପଡା,ଗୁଡଭେଲା ବ୍ଲକର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଇଓ ରୀନା କୁମାରୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ।

# ୩୦ତମ ଜବା ପାନପୋଷ କପ୍ ଫୁଟ୍‌ବଲ ଉଦ୍‌ଘାଟିତ

**ବନ୍ଧମୁଣ୍ଡା,୨୪।୧୦(ସୁବ୍ରତ ଦେ)**

ବିଶ୍ରା ବ୍ଲକ୍ ଜାମସେରା ପଞ୍ଚାୟତ ଅଞ୍ଚଳର ଜବା ପାନପୋଷ ସ୍ଥିତ କ୍ରୀଡ଼ା ପଡ଼ିଆରେ ୫ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ବିଶ୍ରା ବ୍ଲକ୍‌ର ଏବିଡିଓ ବାସନ୍ତୀ ମାଝି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସରିତା ସେଠୀ, ଦିନଶଙ୍କର ମାହାତୋ, ଦିଲଶେର ମାହାତୋ, ଲୁଗୁନ ମାହାତୋ, ସୁଖରାମ ମୁଣ୍ଡାରୀ, ମାର୍ଶଲ କୁଲ୍ଲୁ, ଉପେନ୍ଦ୍ର ନାଥ ଏକ୍କା, ରମେଶ ତିର୍କୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଝିରପାନି ଏଫ୍‌ସି ଏବଂ ଲିଷ୍ଟର ଏଫ୍‌ସି ହାମିରପୁର ଦଳ ମଧ୍ୟରେ ହୋଇଥିଲା। ଯେଉଁଥିରେ ଝିରପାନି ଏଫ୍‌ସି ଦଳ ୫-୪ ଗୋଲରେ ଜିତ ହାସିଲ କରିଛି। ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୭ ଅକ୍ଟୋବରରେ ଖେଳାଯିବ। ଟୁର୍ନାମେଣ୍ଟ ଆୟୋଜନରେ କମିଟିର ଅଧ୍ୟକ୍ଷ ସୁନୀଲ ଲୁଗୁନ, ସଚିବ ରାଜା ଶର୍ମା, କ୍ରୀଡ଼ା ସଚିବ ବିଶ୍ୱଜିତ ମୁଣ୍ଡାରି, ଅନିଲ ସିନ୍ଦୋର, ଅମର ଜାତେ, ଜନସେନ ସିନ୍ଦୋର, କାର୍ତ୍ତିକ କେର୍‌କେଟା,ଅର୍ଜୁନ ତିଗ୍ଗା, ସୁଶୀଲ କୁମାର ଏକ୍କା,ସଞ୍ଜୟ ଏକ୍କା, ମନୋଜ ଆଦି ସଫଳ ଭୂମିକା ଗ୍ରହଣ କରିଥିଲେ।



ଅତିଥିଙ୍କ ସହ ତିଯୋଗିତାରେ ଭାଗନେଇଥିବା ଖେଳାଳି।

# ନଭେମ୍ବର ୧ରେ ବଲାଙ୍ଗୀର ଦିନ୍ ଉତ୍ସବ

**ବଲାଙ୍ଗୀର,୨୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)**




ବଲାଙ୍ଗୀର ଦିନ୍ ଉତ୍ସବ ପାଇଁ ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

ନଭେମ୍ବର ୧ ତାରିଖରୁ ୨ଦିନିଆ ବଲାଙ୍ଗୀର ଦିନ୍ ଉତ୍ସବ ଆରମ୍ଭ ହେବ। ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପିପି ଏକାଡେମୀ ସଭାଗୃହରେ ବଲାଙ୍ଗୀର ଦିନ୍ ପାଳନକୁ ନେଇ ଗୁରୁବାର ଅପରାହ୍ନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ଦିନ ଉତ୍ସବ ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଠାରୁ ଆର୍ଟ ଆଣ୍ଡ କ୍ରାଫ୍ଟ, ମେହେନ୍ଦି ଓ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୬ତାରିଖରେ ଫେନ୍ସି ଡ୍ରେସ, ର୍‌ୟାମ୍ପ ସୋ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୭ରେ ଆମ ପିଠାମଡା, ନୃତ୍ୟ ପ୍ରତିଯୋଗିତା, କ୍ରିକେଟ ମ୍ୟାଚ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୨୮ରେ ରଙ୍ଗୋଲି ଏବଂ ବଲାଙ୍ଗୀର ଭିତ୍ତିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୯ରେ ଶଙ୍ଖ ଫୁଙ୍କା, ହୁଳାହୁଳି, କବିତା ଆସର, ଆଲୋଚନାଚକ୍ର ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ନଭେମ୍ବର ୧ ସକାଳ ୮ଟାରୁ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବ। ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଦୁର୍ଗା ମନ୍ଦିର ଦେଇ ପରିକ୍ରମା କରିବା ପରେ ପୁଣି କୋଶଳ କଳା ମଣ୍ଡଳକୁ ଫେରିବ। ଉକ୍ତ ସନ୍ଧ୍ୟାରେ ବଲାଙ୍ଗୀରବାସୀ ନିଜ ନିଜ ଘରେ ଝୋଟି ଓ ଦୀପ ପ୍ରଜ୍ୱଳନ କରିବାକୁ ଆୟୋଜକ କମିଟି ପକ୍ଷରୁ ନିବେଦନ କରାଯାଇଛି। ନଭେମ୍ବର ୨ ତାରିଖରେ ସାଂସ୍କୃତିକ ସନ୍ଧ୍ୟା ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଆମନ୍ତ୍ରିତ ଅତିଥିମାନେ ଯୋଗଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ କଳାକାର ଓ କଳା ସଙ୍ଗଠନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପାଣିଗ୍ରାହୀଙ୍କ ସମେତ ଅଭ୍ୟର୍ଥନା କମିଟି ସଭାପତି ଡ. ଶ୍ରୀକର ମିଶ୍ର, ସଂଯୋଜକ ଲୋଟସ ଷଡଙ୍ଗୀ, ବିଧୂଭୂଷଣ ତ୍ରିପାଠୀ, ଦିନେଶ ଶର୍ମା, ସଙ୍ଗୀତା ଦାଶ ଓ ସମ୍ପାଦକ ବିନୋଦ କାଲସାଏ ଉପସ୍ଥିତ ଥିଲେ।

# ଜାଲ ନଥିପତ୍ର ଜରିଆରେ ୧ କୋଟି ୨୨ ଲକ୍ଷ ଟଙ୍କା ଆତ୍ମସାତ ଘଟଣା: ୪ କର୍ମଚାରୀ ନିଲମ୍ବିତ

**ଦେବଗଡ଼,୨୪।୧୦(ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜାଲିଆତି କରି ଗୋହିରା ଡ୍ୟାମ କ୍ଷତିପୂରଣ ବାବଦକୁ ଏକ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୪ଜଣ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଅମିନ ଭୋଳେଶ୍ୱର ସାହୁ। ସେମାନଙ୍କୁ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକ ତଥା ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକ୍ରମେ ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀ ସେମାନଙ୍କୁ କାର୍ଯ୍ୟର ନିଲମ୍ବିତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଦେବଗଡ ଜିଲାରେ ପ୍ରଦାନ କରାଯାଇଥିବା ଗୋହିରା ଡ୍ୟାମ ପ୍ରକଳ୍ପ କ୍ଷତିପୂରଣ ବାବଦିୟ କୌଣସି ନଥିପତ୍ର ବିଭାଗୀୟ କାର୍ଯ୍ୟାଳୟରୁ ଉଭାନ ହୋଇଯାଇଛି। ଏ ସମ୍ବନ୍ଧୀୟ କ୍ଷତିପୂରଣ ରେଜିଷ୍ଟର/ଫର୍ମ ନଂ-୧୦(ବରକନ୍ୟା ମୌଜା) ଏବଂ ଅନ୍ୟାନ୍ୟ ନଥିପତ୍ର ଦେବଗଡସ୍ଥିତ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ, ଜୋନ କାର୍ଯ୍ୟାଳୟ କିମ୍ବା ତାଳଚେରସ୍ଥିତ ବାଘୁଆବୁଲରେ ମଧ୍ୟ ମିଳୁନାହିଁ। ଫଳରେ ଏକ ବଡଧରଣର ଦୁର୍ନୀତି ଉଦ୍ଦେଶ୍ୟରେ କେହି ଏହାକୁ ଉଦ୍ଦେଶ୍ୟ ମୂଳକ ଭାବେ ସ୍ଥାନାନ୍ତର କରିଥିବା କିମ୍ବା ଲୁଚାଇ ରଖିଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ସେହିପରି ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ଏକ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ କରାଯାଇଥିବା ବାଘୁଆବୁଲ(ତାଳଚେର)ସ୍ଥିତ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀ ସନ୍ଦେହ କରିଥିଲେ। ଏ ନେଇ ସେ ପୂର୍ବତନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର (ଓଆର୍‌ଏସ) ଭାବେ କର୍ଯ୍ୟରତ ଧନଞ୍ଜୟ କିଷାନ, ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର, ଅମିନ ଭୋଳେଶ୍ୱର ସାହୁ ଓ ପିଅନ ଲକ୍ଷ୍ମୀଧର ବେହେରାଙ୍କୁ ଚିଠି ନମ୍ବର-୨୪୨ଯୋଗେ ଜଣାଇବା ସହ ଚିଠି ପାଇବାର ୩ ଦିନ ମଧ୍ୟରେ କ୍ଷତିପୂରଣ ରେଜିଷ୍ଟର/ଫର୍ମ ନଂ-୧୦(ବରକନ୍ୟା ମୌଜା)ଏବଂ ଅନ୍ୟାନ୍ୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଥା ସେମାନଙ୍କ ବିରୋଧରେ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସେମାନେ କୌଣସି ନଥିପତ୍ର ଦାଖଲ କରିପାରି ନ ଥିଲେ। ପରବର୍ତ୍ତୀ ସମୟରେ କ୍ଷତିପୂରଣ ପାଇଥିବା ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଗୋପପୁର ଗ୍ରାମର ଘନଶ୍ୟାମ ସାହୁ, ତିଲେଇବଣି ବ୍ଲକ ଅନ୍ତର୍ଗତ ଜାମୁନାଳୀ(ଗୋହୀରା ଡ୍ୟାମ ସାଇଟ)ଗ୍ରାମର ଦିବାକର ଲୁହାର, ତିଲେଇବଣି ବ୍ଲକ ଅନ୍ତର୍ଗତ ଖଜୁରୀଦର୍ହ(ଗୋହିରା ଡ୍ୟାମ ସାଇଟ)ଗ୍ରାମର ଜଗତ ଶବର ଓ ରିଆମାଳ ବ୍ଲକ ଅନ୍ତର୍ଗତ ଖିଲେଇ ଗ୍ରାମର ଦୁଃଖବନ୍ଧୁ ବେହେରାଙ୍କ ବିରୋଧରେ ବିଭାଗ ପକ୍ଷରୁ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଉପରୋକ୍ତ ୪ଜଣଙ୍କୁ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଝାରସୁଗୁଡ଼ା,୨୪।୧୦(ସଞ୍ଜୟ ମାଲି)**

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଉପଜିଲାପାଳ ଭିକ୍ଟୋରିଆ ଏକ୍କା, ଡେପୁଟି କଲେକ୍ଟର ଲୋପାମୁଦ୍ରା ସାମଲ, ସହକାରୀ ଜିଲାପାଳ ଦୁଷ୍ମନ୍ତ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲାସ୍ତରୀୟ ପଥ ଉତ୍ସବ, ୱାକାଥନ, ଭୋଟର ସଚେତନତା ସକାଶେ ପାଲା, ଦାସକାଠିଆ, ରଙ୍ଗୋଲି ଓ ପଥପ୍ରାନ୍ତ ନାଟକ, ଦସ୍ତଖତ ଅଭିଯାନ ଓ ସେଲ୍ଫି ପଏଣ୍ଟ ଆଦି ଆୟୋଜନ ସଂକ୍ରାନ୍ତୀୟ ନେଇ ବୈଠକରେ ଆଲୋଚନା ହୋଇଥିଲା। ୧୮ବର୍ଷ ପୂରଣ ପୂର୍ବକ ଭୋଟର ହେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ସମେତ ବୁଥସ୍ତରୀୟ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ୱାକାଥନରେ ଅଂଶ ଗ୍ରହଣ କରିବାକୁ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଡିଏଭି, ସେଣ୍ଟ ଥୋମାସ ଓ ସେଣ୍ଟ ମେରୀ ଇଂଲିଶ ସ୍କୁଲ, ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଓ କର୍ମଚାରୀ ଉପସ୍ଥିତ ଥିଲେ। ୱାକାଥନ ଆସନ୍ତା ନଭେମ୍ବର ୨୯ ତାରିଖ ସକାଳ ସାଢ଼େ ୭ଟାରେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡସ୍ଥିତ ଗୋଲେଇ ଛକଠାରୁ ଆରମ୍ଭ ହୋଇ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଔଷଧ କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ, ଟଙ୍କା ଲୁଟ୍: ଜଣେ ଆହତ

**ଦେବଗଡ଼,୨୪।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ତିଲେଇବଣି ଓଭରବ୍ରିଜ ଉପରୁ ଗୁରୁବାର ଭୁଜାଲି ମୁନରେ ଟଙ୍କା ଲୁଟ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଭୁଜାଲି ଆକ୍ରମଣରେ ଜଣେ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଆହତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ଏ ନେଇ ଥାନାରେ ମଧ୍ୟ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ମୌଖିକ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଅପରାହ୍ନରେ ଏକ ଔଷଧ କମ୍ପାନୀରେ କାର୍ଯ୍ୟରତ ୩ଜଣ ଯୁବକ ଦୁଇଟି ବାଇକରେ ଦେବଗଡର ବିଭିନ୍ନ ଔଷଧ ଦୋକାନରୁ ବକେୟା ଟଙ୍କା ଆଦାୟ ସାରି ସମ୍ବଲପୁର ଫେରୁଥିଲେ। ତେବେ ଏକ କଳା ରଙ୍ଗର ପଲସର ବାଇକ୍‌ରେ ୨ଜଣ ଯୁବକ ଆସି ତିଲେଇବଣି ଓଭରବ୍ରିଜ ଉପରେ ସେମାନଙ୍କୁ ଅଟକାଇବା ସହ ଭୁଜାଲି ମୁନରେ ସେମାନଙ୍କ ଟଙ୍କା ବ୍ୟାଗ ଛଡାଇ ଫେରାର ହୋଇ ଯାଇଥିଲେ। ତେବେ ଉକ୍ତ ବ୍ୟାଗରେ କେତେ ଟଙ୍କା ଥିଲାତାହା ମଧ୍ୟ ଜଣାପଡି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



ବୈଠକରେ ଆଲୋଚନା କରାଯାଉଛି।

**ଦେବଗଡ଼,୨୪।୧୦(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନଠାରେ ଜିଲା ପ୍ରକଳ୍ପ ସଂଯୋଜକ ସାରଦା ପାହାଡ଼ ସିଂ ଆବାହ୍ୱନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ଆଗାମୀ ନଭେମ୍ବର ୧୦ ତାରିଖରେ ବିଶ୍ୱ ମାଣ୍ଡିଆ ଦିବସ ସରସ ସୁନ୍ଦରରେ ପାଳନ କରାଯିବା ସହ ବିଭିନ୍ନ ପ୍ରଦର୍ଶନୀ ମଣ୍ଡପ, ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, ମାଣ୍ଡିଆ ଉପରେ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଟାଉନ ହଲଠାରେ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି, ସେକ୍ରେଟେରୀ ସିଏସ୍‌ଡିଆର ରିତାରାଣୀ ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ନ୍ୟାୟାଳୟ ପରିସରରେ ଉନ୍ମତ୍ତ କାଣ୍ଡ: ଯୁବକ ଗିରଫ

**ଦେବଗଡ଼,୨୪।୧୦(ଶଶାଙ୍କ ଶେଖର ଝାଙ୍କର)**



ଦେବଗଡ ଜିଲା ନ୍ୟାୟାଳୟ ପରିସରରେ ଉନତ୍ତ କାଣ୍ଡ ଘଟାଇ ସୁନାମୁଣ୍ଡା ଗ୍ରାମର ଜଣେ ଯୁବକ ଗିରଫ ହୋଇଥିବା ଜଣାପଡିଛି। ଗିରଫ ଯୁବକ ହେଲେ ସୁନାମୁଣ୍ଡା ଗ୍ରାମର ଶୁକ୍ରୁ ନାୟକ (୨୭)। ମଦ୍ୟପାନ କରି ଜିଲା ନ୍ୟାୟାଳୟ ପରିସରରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପାଟିତୁଣ୍ଡ କରୁଥିଲେ। ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖି କାର୍ଯ୍ୟରତ ପିଅନ ଏକଥା ସେଠାରେ କାର୍ଯ୍ୟରତ ପୋଲିସ କନଷ୍ଟେବଲଙ୍କୁ ଜଣାଇଥିଲେ। ପୋଲିସ କନଷ୍ଟେବଲ ଗଗନ ବିହାରୀ ସାହୁ ଶୁକ୍ରୁଙ୍କୁ ବୁଝାଶୁଝା କରୁଥିବା ବେଳେ ସେ ତାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲା। ଫଳରେ କନଷ୍ଟେବଲ ସାହୁ ଶୁକ୍ରୁଙ୍କୁ କାବୁ କରି ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଶୁକ୍ରୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

# ଶ୍ରୀ ଅନ୍ନ ଅଭିଯାନ ଉପଲକ୍ଷେ ବ୍ଲକସ୍ତରୀୟ ଖାଦ୍ୟ ମେଳା

**ଦେବଗଡ଼,୨୪।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀଅନ୍ନ ଅଭିଯାନ ଉପଲକ୍ଷେ ବ୍ଲକସ୍ତରୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ବ୍ଲକ କୃଷି କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆର ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏସଡିଆର ସମ୍ପାଦିକା ରୀତାରାଣୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳକୁଣ୍ଡି ଗ୍ରାମପଞ୍ଚାୟତ ସରପଞ୍ଚ ଆମରସେନ ହେମ୍ରମ ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌କେ ସବିତା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯିବା ସହ ଶ୍ରୀଅନ୍ନ ଅଭିଯାନରେ ସାମିଲ ହେବାକୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ବହୁ ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ହୋଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏସ୍‌ଏଚ୍‌ଜି ମହିଳାମାନେ।

# ହାତୀ ଉପଦ୍ରବ: ଉଜୁଡ଼ିଲା ପାଚିଲା ଧାନଫସଲ



ହାତୀପଲ ପାଚିଲା ଧାନ ଫସଲ ନଷ୍ଟ କରିଦେଇଛନ୍ତି।

**କୁଚିଣ୍ଡା,୨୪।୧୦(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ଲଇଡାଗୁଣାରେ ବଣୁଆ ହାତୀଙ୍କ ଉତ୍ପାତ ବଢିବାରେ ଲାଗିଛି। ନିକଟସ୍ଥ ଖଜୁରିଆ ଜଙ୍ଗଲରୁ ଏକ ୩ଟିକିଆ ହାତୀପଲ ଲଇଡାଗୁଣାକୁ ଆସି ମଙ୍ଗଳବାର ଓ ବୁଧବାର ରାତିରେ ଧାନ କିଆରିରେ ପଶି ପାଚିଲା ଧାନ ଫସଲ ଖାଇବା ସହ ମାଡି ଦଳି ନଷ୍ଟ କରି ଦେଇଛନ୍ତି। ଫଳରେ ଗରିବ ଚାଷୀମାନେ କ୍ଷତିଗ୍ରସ୍ତ ହୋଇ କିଭଳି ପରିବାର ଚଳାଇବେ ଚିନ୍ତାରେ ପଡିଛନ୍ତି। ଲଇଡାଗୁଣା ଗ୍ରାମର ଦେବାର୍ଜନ ଭଇଁଷା, ମହେଶର ଭଇଁଷା, ମନବୋଧ ଭଇଁଷା, ଗୁଣନିଧି ଭଇଁଷା, ବିଶ୍ୱାମିତ୍ର ଭଇଁଷାଙ୍କ ସମେତ କୁଇଲେରଡୁଡାର ସୁରେଶ ଖଡିଆଙ୍କ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ପାଚିଲା ଧାନ ଫସଲକୁ ହାତୀମାନେ ମାଡିଦଳି ନଷ୍ଟ କରିଦେଇଛନ୍ତି। ଏନେଇ କ୍ଷତିଗ୍ରସ୍ତ ଚାଷୀମାନେ କୁଚିଣ୍ଡା ବନବିଭାଗ ରେଞ୍ଜରଙ୍କ ଦୃଷ୍ଟିଆକର୍ଷଣ ସହ କ୍ଷତିପୂରଣ ଦାବିକରିଛନ୍ତି।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୨୪।୧୦(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡାରେ ହୋଇଥିବା ନାବାଳିକା ଗଣବଳାତ୍କାରକୁ କୁଚିଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି। ଗୁରୁବାର କୁଚିଣ୍ଡା ଉପଜିଲ୍ଲାପାଳ ଓ ଏସଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୪ବର୍ଷର ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ, ପୀଡିତାଙ୍କୁ ଉଚିତ ନ୍ୟାୟ ଓ ତାଙ୍କ ପରିବାରଙ୍କୁ ସୁରକ୍ଷା ସହ ପୀଡିତାଙ୍କ ପାଠପଢା ଖର୍ଚ୍ଚ ସରକାର ବହନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦର ଉପଖଣ୍ଡ ସଭାପତି ଗଜେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସମ୍ପାଦକ ମନୋରଞ୍ଜନ ଭୋଇ, କୁଚିଣ୍ଡା ବ୍ଲକ ସଭାପତି ଲିଙ୍ଗରାଜ ବାଘ, ଭିକାରୀ ଚରଣ ନାଏକ, ପ୍ରମୋଦ ରୋହିଦାଶ, ଶତ୍ରୁଘ୍ନ ବୁଡା, ସଞ୍ଜୟ ମହାନନ୍ଦ, ଦୀପମଣି ଜର୍ଜିଆ, ପ୍ରଶାନ୍ତ ମାଝି, ରିଙ୍କୁ କୁସୁମ, ସିଲୁ ସୁନାନୀ, ସରୋଜ ମଲ୍ଲିକ, ବିରବଲ ରୋହିଦାଶ ପ୍ରମୁଖ ଏହିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟର ସାଧାରଣ ସଭା

**ଝାରସୁଗୁଡ଼ା,୨୪।୧୦(ସଞ୍ଜୟ ମାଲି)**

ଶହୀଦ କରୁଣାକର ସିଂହ ନାଏକ, ଖଗ ନାଏକ, କହ୍ନେଇ ନାଏକ ସ୍ମୃତି ଟ୍ରଷ୍ଟ ସାଧାରଣ ସଭା ସଭାପତି ରୁଦ୍ର ପ୍ରତାପ ସିଂହଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତେଲେଙ୍ଗା ପଡାଠାରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି କୋଲାବିରା ଗଡ଼ର ରାଜମାତା ଗୁଣବନ୍ତୀ କୁମାରୀ ଦେଇଙ୍କ ଦେହାନ୍ତ ପରେ ତାଙ୍କ ତୃତୀୟ ପୁତ୍ର ରୁଦ୍ର ପ୍ରତାପ ସିଂହଙ୍କୁ ମୁଖ୍ୟ ଟ୍ରଷ୍ଟି ଭାବେ ସଭା ଦାୟିତ୍ୱ ଦିଆଯାଇଛି। ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟରେ ରାଜମାତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ, ତାଙ୍କ ନାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ସଶକ୍ତିକରଣ, ଶହୀଦ କରୁଣାକର ବାହିନୀ ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ଡିସେମ୍ବର ୨୨ତାରିଖରେ ଶହୀଦମାନଙ୍କ ଆତ୍ମୋତ୍ସର୍ଗ ଦିବସକୁ ଗଡ଼ରେ ବହୁ ଆଡ଼ମ୍ବରରେ ପାଳନ ହେବ। ପୂର୍ବ ଭଳି ସମ୍ମିଳିତ ଆଦିବାସୀ ସମାଜ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଁଣ୍ଡ ମହାସଭା, ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ ଆଦିକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯିବ। ଟ୍ରଷ୍ଟର ପରବର୍ତ୍ତୀ ସାଧାରଣ ସଭା ନଭେମ୍ବର ୩ ତାରିଖରେ ହେବ ବୋଲି ସ୍ଥିର ହୋଇଛି। ଏହି ସଭାରେ ଟ୍ରଷ୍ଟ ସଭ୍ୟ ସହଯୋଗୀ ଭାବେ ରାଜ୍ୟ ଗୋଁଣ୍ଡ ମହାସଭାର ସଭାପତି ମହେନ୍ଦ୍ର ନାଏକ, ସମ୍ମିଳୀତ ଆଦିବାସୀ ସମାଜର କାର୍ଯ୍ୟାଳୟ ସଚିବ ବିନୋଦ ବିହାରୀ ବାଗ, ଟ୍ରଷ୍ଟ ସମ୍ପାଦକ ରାଜେଶ କୁମାର ନେଟି, ଗୋବିନ୍ଦ ଚନ୍ଦ୍ର ଭୋଇ, ଗଙ୍ଗାଧର ଭୋଇ, ଦୀପା କୁମୁରା, ଲତା ମରେଇ, କମଳ ଧୁରୁଆ, ସୁସ୍ମିତା କୁମୁରା, ରିଙ୍କି ସମର୍ଥା, ମଞ୍ଜରି ଭୋଇ, ଦ୍ରୌପଦୀ ସମର୍ଥା, ଚନ୍ଦ୍ର କାନ୍ତ ମାଝି, କିଶୋର ସମର୍ଥା ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମୃତି ଟ୍ରଷ୍ଟ ସାଧାରଣ ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୧୦, ୧୧ରେ ହେବ ଶ୍ରୀଅନ୍ନ, ପାରମ୍ପରିକ ଖାଦ୍ୟ ଉତ୍ସବ

**ଝାରସୁଗୁଡ଼ା,୨୪।୧୦(ସଞ୍ଜୟ ମାଲି)**

କୃଷି ଏବଂ କୃଷକ ଶସକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ ଶ୍ରୀ ଅନ୍ନ ଏବଂ ଖାଦ୍ୟ ଉତ୍ସବ। ମିଲେଟ ଏବଂ ଅନ୍ୟାନ୍ୟ ଅବହେଳିତ ଫସଲ ଓ ଖାଦ୍ୟ ସଂସ୍କୃତିର ବ୍ୟବହାର ତଥା ପ୍ରଚାର ପ୍ରସାର ପୂର୍ବକ ଚାଷକୁ ପ୍ରୋତ୍ସାହନ ପ୍ରଦାନ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଶ୍ରୀଅନ୍ନ ଓ ଖାଦ୍ୟ ଉତ୍ସବ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରତି ବ୍ଲକ, ଜିଲା ଓ ଆଞ୍ଚଳିକସ୍ତରରେ ଉତ୍ସବର ଆୟୋଜନ କରାଯାଉଛି। ଝାରସୁଗୁଡ଼ାରେ ଜିଲା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୦୦ମସିହାରୁ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରି ଦିବସଟି ମିଲେଟ ଚାଷ ପାଇଁ ସମର୍ପିତ ଦିନ ବୋଲି ଘୋଷଣା କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ନାୟକ ଉଲ୍ଲେଖ କରିଥିଲେ। ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ ଅନୁଷ୍ଠିତ ହେଉଥିବା ଜିଲା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସ୍ଥାନୀୟ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟଠାରେ ଏହି ଉତ୍ସବ ମାଣ୍ଡିଆ ଦିବସ ଚଳିତ ନଭେମ୍ବର ୧୦ ତାରିଖରେ ଆୟୋଜନ କରିବା ସକାଶେ ଆଲୋଚନା କରାଯାଇଛି। ଉତ୍ସବ ସକାଶେ କୁଇଜ ପ୍ରତିଯୋଗିତା, ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଷ୍ଟଲ ପ୍ରଦର୍ଶନ କରାଯିବାକୁ ଆଲୋଚନା କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୁତିଭୂଷଣ ରାୟ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀଅନ୍ନ ଅଭିଯାନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଟିକେଶ୍ୱର ବେହେରା ବୈଠକର କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଡ. ନିବେଦିତା ନାଥଙ୍କୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଦାୟିତ୍ୱ



ଭବାନୀପାଟଣା,୨୪।୧୦ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାଙ୍ଗସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷା ଡ଼. ନିବେଦିତା ନାଥଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ରାଜଭବନ ଅଫିସ ଚାନସେଲରଙ୍କ ପତ୍ର ସଂଖ୍ୟା ୯୨୫୭ ଅନୁଯାୟୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପୂର୍ବରୁ କୁଳପତି ଭାବେ ପ୍ରଫେସର ଡ. ସଞ୍ଜୟ ଶତପଥି ରହିଥିଲେ। ତେବେ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଛୁଟିରେ ରହିବାରୁ ତାଙ୍କ ସ୍ଥାନରେ ଡ଼. ନିବେଦିତା ନାଥଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଛି। ପ୍ରଫେସର ସଞ୍ଜୟ ଶତପଥି କାର୍ଯ୍ୟରେ ଯୋଗ ନ ଦେବା ଯାଏ ସେ କୁଳପତି ଦାୟିତ୍ୱ ତୁଲାଇବେ।

### ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ବୋଡ଼େନ,୨୩।୧୦(ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ହାଇସ୍କୁଲଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଇଓ ରୁଦ୍ରେଶର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ ମୁଖ୍ୟ ଅତିଥି ଓ ଜନଶକ୍ତି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ମେହେର, ସୁନାପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡ, ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ସବ୍‌ଜୁନିଅର ଗ୍ରୁପର ଶୁଭ୍ରାଂଶୁ ମାଝି, ଜୁନିଅର ଗ୍ରୁପର ତ୍ରିବିକ୍ରମ ବାଗ, ସିନିଅର ଗ୍ରୁପର ନୈବେଦ୍ୟ ତାଣ୍ଡି ପ୍ରଥମ ସ୍ଥାନ ହାସଲ କରି ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

### ଯାଦବ ସମାଜ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଲ,୨୪।୧୦(ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଲ ସହରର ଜୟ ସିଂ ଥପା ଓ ସୁଜାତା ଥପାଙ୍କ ଝିଅ ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୬୧ ର୍ୟାଙ୍କ ରଖି ଖଡ଼ିଆଳର ଗୌରବ ଆଣିଥିଲେ। ତାଙ୍କର ଏହି ସଫଳତା ପାଇଁ ଖଡ଼ିଆଳ ଏନ୍‌ଏସି ଯାଦବ ସମାଜ ପକ୍ଷରୁ ତାଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ଖଡ଼ିଆଳ ଏନ୍‌ଏସି ଯାଦବ ସମାଜ ସଭାପତି ସୁକ୍ରୁ ବାଗ, କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ନାଗ, କୋଷାଧ୍ୟକ୍ଷ ହେମନ୍ତ ବନ୍ଦିଛୋର ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଅନୁଦାନ ଦେବାକୁ ଏମ୍‌ପିଙ୍କ ଦ୍ୱାରସ୍ଥ

ଗୋଲାମୁଣ୍ଡା, ୨୪।୧୦(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଗ୍ରାମ ପଞ୍ଚାୟତ ଅଧୀନ ପଣ୍ଡକୁଲ ଗ୍ରାମରେ ବଟେଶ୍ୱର ଶିବ ମନ୍ଦିର ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ମନ୍ଦିର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ସାଂସଦ ପାଣ୍ଠିରୁ ଆବଶ୍ୟକ ଅନୁଦାନ ଯୋଗାଇଦେବାକୁ ଗୁରୁବାର କମିଟି କର୍ମକର୍ତ୍ତା କଳାହାଣ୍ଡି ଏମ୍‌ପି ମାଳବିକା ଦେଓଙ୍କୁ ଅନୁରୋଧ କରିଥିଲେ। ଏମ୍‌ପି ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବାରୁ କମିଟି ପକ୍ଷରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ଅବସରରେ ସଭାପତି ଅକ୍ଷୟ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ରାମ କୁମାର ସେନାପତି, ବିଶ୍ୱଜିତ ସେନାପତି, ସେନ୍ଦୁକା ମେହେର ସୁଶୀଳା ସେନାପତି, ପଦ୍ମାବତୀ ମେହେର, ସବିତା ମେହେର, ବିଳାସିନୀ ମେହେର, ପ୍ରମୋଦିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଦୂରହେଲା ସିର୍ଲିଗୁଡ଼ା ପାନୀୟ ଜଳ ସମସ୍ୟା

କୋକସରା,୨୪।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)



ଷ୍ଟାଣ୍ଡପୋଷ୍ଟରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି ପଡ଼ାବାସୀ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ଗୌନ୍ତିଆ ପଡ଼ାରେ ଦୀର୍ଘ ବର୍ଷ ପରେ ପାନୀୟଜଳର ସମସ୍ୟା ସମାଧାନ ହୋଇଛି। ପାନୀୟ ଜଳ ପାଇଁ ଅନେକ ଥର ପଞ୍ଚାୟତ ଓ ପ୍ରଶାସନ ପକ୍ଷରୁ ନଳକୂପ ଖନନ ପାଇଁ ଚେଷ୍ଟା କରିବା ସତ୍ତ୍ୱେ ଭୂତଳରେ ପଥର ରହିଥିବା କାରଣରୁ ଫେଲ ମାରୁଥିଲା। ଫଳରେ ପଡାବାସୀ ନିକଟସ୍ଥ ନଦୀ, ପୋଖରୀ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ। ଖରାଦିନରେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କରରେ ପଡାକୁ ପାନୀୟ ଜଳ ଯୋଗାଣ ହେଉଥିଲା। ଏନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ତଥା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ଅଭିଯୋଗ ପରେ ପଦକ୍ଷେପ ନିଆଯାଇଥିଲା। ନଳକୂପ ଖନନ ଫେଲ ମାରିବାରୁ ପଡାର ଅନତି ଦୂରରେ ଗଭୀର ନଳକୂପ ଖନନ କରିବା ପରେ ଏହା ଫଳପ୍ରଦ ହୋଇଥିଲା। ଚଳିତ ବର୍ଷ ଏହି ଗଭୀର ନଳକୂପରୁ ପଡ଼ାବାସୀଙ୍କୁ ତିନିଗୋଟି ଷ୍ଟାଣ୍ଡ ପୋଷ୍ଟ ଜରିଆରେ ପାନୀୟ ଜଳ ଯୋଗାଣ ହେଉଛି। ଦୀର୍ଘବର୍ଷ ପରେ ପଡାରେ ପାନୀୟ ଜଳର ସୁବିଧା ଉପଲବ୍ଧ ହୋଇଥିବା ଯୋଗୁଁ ପଡ଼ାର ଶ୍ୟାମସୁନ୍ଦର ନାଏକ, ଝଗଡେ ନାଏକ, ଗଜିନ୍ଦ୍ର ନାଏକ, ପ୍ରେମଲାଲ ନାଏକ, ବିକ୍ରମ ନାଏକ, ଗୁପ୍ତେଶ୍ୱର ବାଗ, ବଳ ହାତୀ, ଖେତୁରାମ କାଣ୍ଡ, ଲାବାନ୍ୟ କାଣ୍ଡ, ଫକୀର ଗୋପାଳ ପ୍ରମୁଖ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

# ଶର୍ଟସର୍କିଟରୁ ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

କୋକସରା,୨୪।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)



ଜଳିଯାଉଥିବା ଟ୍ରାନ୍ସଫର୍ମର।

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ବୋବରିଆ ଗ୍ରାମ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଗୁରୁବାର ସନ୍ଧ୍ୟାରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ପୋଡିଯାଇଛି। ଗ୍ରାମବାସୀ ଏହା ଦେଖି ତୁରନ୍ତ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ କୋକସରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବିଭାଗ ପକ୍ଷରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିବା ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଟ୍ରାନ୍ସଫର୍ମରରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ତେବେ ଟ୍ରାନ୍ସଫର୍ମର ପୋଡିଯିବା କାରଣରୁ ଗ୍ରାମରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ବୋବରିଆ ଗ୍ରାମର ଯୁବକ ରୋହିତ କୁମାର ମାଝି, ଜଗମୋହନ ମାଝି, ତୁଳସୀରାମ ପାଣିଗ୍ରାହୀ ଓ ସୁଦାମ ରାଉତ ପ୍ରମୁଖ ଉପସ୍ଥିତ ରହି କର୍ମଚାରୀଙ୍କୁ ସହଯୋଗ କରିଥିଲେ।

# କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲା ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅଧିକାରୀ ବୃନ୍ଦ।

ନୂଆପଡ଼ା,୨୪।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ପ୍ରଶାସନ ଓ ପିରାମଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲା ନୂଆପଡ଼ାରେ ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ପଛୁଆ ଜିଲାମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ନୀତି ଆୟୋଗଙ୍କ ଏହା ଏକ ମହତ୍ୱାକାଂକ୍ଷୀ ଯୋଜନା। ଏହାର ସଫଳତାରେ ପାରାମିଟରରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଶିକ୍ଷା, ପୋଷଣ, ପୁଷ୍ଟିକର ଖାଦ୍ୟ ଯୋଗାଣ, ମୃତ୍ତିକା ସଂରକ୍ଷଣ, ବିଦ୍ୟାଳୟରେ ବିଦ୍ୟୁତ ଯୋଗାଣ ଇତ୍ୟାଦି ବିଷୟରେ ନୂଆପଡା ଜିଲା ଶତ ପ୍ରତିଶତ ସଫଳତା ଅର୍ଜନ କରି ପୁରସ୍କାର ପାଇବା ପାଇଁ ମନୋନୟନ ପ୍ରକ୍ରିୟାକୁ ଆବେଦନ କରିଛି। ବିଗତ ଦିନରେ ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଜିଲା ଓ ଏହାର ଏକ ପଞ୍ଚାୟତ ରାଜ୍ୟସ୍ତରରେ ପ୍ରଥମ ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ଏମ୍‌ପି ଖୁସିବ୍ୟକ୍ତ କରିଥିଲେ। ଏହି ବିଜୟ ଧାରାକୁ ଅବ୍ୟାହତ ରଖିବା ପାଇଁ କଠିନ ପରିଶ୍ରମ କରିବାକୁ ଜିଲାପାଳ ସମସ୍ତ ଅଧିକାରୀଙ୍କୁ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀମାନେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରିଥିଲେ। ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ଜିଲାସ୍ତରୀୟ ଅଧିକାରୀ, ପିରାମଲ ଫାଉଣ୍ଡେଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜୁନାଗଡ଼ ରେଳଯାତ୍ରୀ ସଂଘ ଗଠିତ

ଜୁନାଗଡ଼, ୨୪।୧୦ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଏକ ହୋଟେଲରେ ଗୁରୁବାର ଜିଲା ରେଳଯାତ୍ରୀ ସଂଘ ସଭାପତି ଭବାନୀ ଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ଼ଠାରେ ରେଲୱେ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ଏହାର ସମାଧାନ କିଭଳି ଭାବେ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ସମସ୍ତ ସଦସ୍ୟ ତଥା ଜିଲା ଉପସଭାପତି ଇଙ୍ଗିତ ପଣ୍ଡା ବିଷଦ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସର୍ବସମ୍ମତି କ୍ରମେ ଜୁନାଗଡ଼ ରେଳଯାତ୍ରୀ ସଂଘ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ସୁଧାଂଶୁ ଶେଖର ବରା, ଉପସଭାପତି ଭାବେ ରଶ୍ମିରଞ୍ଜନ ନାୟକ, ପ୍ରଭାତ ଦାଶ ଓ ରଞ୍ଜନ କୁମାର ଜାଲ ମନୋନୀତ ହୋଇଥିଲେ। ସେହିଭଳି ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ସମ୍ପାଦକ ନରେନ୍ଦ୍ର କ୍ଷିତି ଓ କୁବଳେଶୟ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଚମ୍ପକ ଅଗ୍ରୱାଲ ମନୋନୀତ ହୋଇଥିଲେ। ସଂଘର ଉପଦେଷ୍ଟା ଭାବେ ଈଶ୍ୱର ପୂଜାରୀ, ମନୋଜ ମେହେର, ମୁକେଶ ଅଗ୍ରୱାଲ, ପୀତାମ୍ବର ରଣା, ନିର୍ମଳ ମହାନ୍ତି, ଦୁର୍ଗାପ୍ରସାଦ ନାଏକ, ରମେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ସାହୁ, ଉଦ୍ଧବ ସାହୁ, ବିଜୟ ବେହେରା, ଦିଲୀପ ଖେମକା, ନୀଳକଣ୍ଠ ରାଉତ, ଦିବ୍ୟଶଙ୍କର ଦୀପ, ଦୁଷ୍ମନ୍ତ ନାଏକ ପ୍ରମୁଖ ମନୋନୀତ ହୋଇଥିଲେ। ଆଗାମୀ ଦିନରେ ସଂଘ ନେତୃତ୍ୱରେ ଜୁନାଗଡ଼ ରେଳ ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦେବା ପାଇଁ ସ୍ଥିର ହୋଇଥିଲା।

## ମହିଳା ଶ୍ରମିକଙ୍କ ଦ୍ୱାରା ଶ୍ରମ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆପଡ଼ା,୨୪।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍‌ଠାରେ ନୂତନ ଭାବରେ ନିର୍ମିତ ଜିଲା ଶ୍ରମ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୫ ବ୍ଲକର ଶ୍ରମିକ ଯୋଗ ଦେଇଥିଲେ। ବୋଡେନ ବ୍ଲକ ଖଇରା ଗାଁର ଶ୍ରମିକ ମଞ୍ଜୁରୀ ମାଝି ଓ କେରାପଦର ଗାଁର ଜଗନ୍ନାଥ ସାହୁ ନୂତନ କୋଠାର ଶୁଭ ଉଦ୍‌ଘାଟନ କରିଥିଲେ। ସୂଚନା ଦିଆଯାଇ ନ ଥିବାରୁ କାର୍ଯ୍ୟକ୍ରମକୁ କୌଣସି ନେତା, ଅଧିକାରୀ ଆସି ନ ଥିଲେ। ପଞ୍ଜୀକରଣ ଓ ନବୀକରଣ ପାଇଁ ଆସିଥିବା ଶ୍ରମିକ ଉଦ୍‌ଘାଟନ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ବାର୍ଲାଙ୍କୁ ପଚାରିବାରୁ ତାଙ୍କ ପାଖରେ ସୂଚନା ନ ଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତରବରିଆ ଭାବରେ ଉଦ୍‌ଘାଟିତ ହୋଇଯାଇଛି। ସେଥିପାଇଁ କୌଣସି ଅଧିକାରୀ କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇପାରି ନ ଥିବା କହିଥିଲେ।

## ରାସ୍ତା ସମସ୍ୟା: ପ୍ରେସ୍ କ୍ଲବ କର୍ମକର୍ତ୍ତା ଜିଲାପାଳଙ୍କ ଦ୍ୱାରସ୍ଥ

ଲାଞ୍ଜିଗଡ଼, ୨୪।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡ଼ା ୬ନଂ. ରାଜ୍ୟ ରାଜପଥ ମରଣଯନ୍ତା ପାଲଟିଛି। ଏହାକୁ ନେଇ ଲାଞ୍ଜିଗଡ଼ ପ୍ରେସ୍‌କ୍ଲବ କର୍ମକର୍ତ୍ତା ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ମକର୍ତ୍ତାମାନେ ଜିଲାପାଳଙ୍କ ସହ ଆଲୋଚନା କରି ୧୧ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ, ଭବାନୀପାଟଣାରୁ ଛତିକୁଡା ସହିତ ଛତିକୁଡ଼ାରୁ ଶାନ୍ତପୁର, ଶାନ୍ତପୁରରୁ କିଡିଙ୍ଗ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ସାରିବା, ସିକେରକୁପା, ଡେପଗୁଡ଼ା ଘାଟି ଓ ପୋଖରୀବନ୍ଧ ପର୍ଯ୍ୟନ୍ତ ରାସ୍ତା ମରାମତି, ସଂକୀର୍ଣ୍ଣ ଓ ବିପଦସଙ୍କୁଳ ଥିବା ପୋଲ ନିର୍ମାଣ କରିବା, ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟକରି ବ୍ଲାକ୍‌ସ୍ପଟ୍ ଘୋଷଣା, ଭବାନୀପାଟଣାରୁ ପୋଖରୀବନ୍ଧ ପର୍ଯ୍ୟନ୍ତ ଚାରି କିମ୍ବା ଛଅ ଲେନ ରାସ୍ତା ପାଇଁ ପ୍ରକ୍ରିୟା ଆରମ୍ଭ କରିବା, ଲାଞ୍ଜିଗଡ଼ରୁ ବିଜେପୁର ରାସ୍ତା ନିର୍ମାଣ ତ୍ୱରାନ୍ୱିତ କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ପ୍ରେସ କ୍ଲବ୍ ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ନାୟକ, ସଦସ୍ୟ ଦିଲୀପ ନାଏକ, ପ୍ରଭୁ ରଞ୍ଜନ ସାମଲ, ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ଜିଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ବେଦାନ୍ତ ଆଲୁମିନିୟମର ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ

ଭବାନୀପାଟଣା/ଲାଞ୍ଜିଗଡ଼, ୨୪।୧୦ (ଉତ୍ତମ କୁମାର ଦାଶ/ରମେଶ ନାୟକ)





ଜଣେ ଛାତ୍ରଙ୍କୁ ଟିକା ଦିଆଯାଉଛି।

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆୟୁଷ ମନ୍ତ୍ରଣାଳୟ ସହଭାଗିଦାରୀରେ ଗତ ମାସଠାରୁ 'ସ୍ୱର୍ଣ୍ଣ ପ୍ରାଶନ' ଟିକାକରଣ ଅଭିଯାନ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା କଳାହାଣ୍ଡି ଜିଲାର ୧୦ ବିଦ୍ୟାଳୟର ୩୭୦୦ରୁ ଅଧିକ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭବାନୀପାଟଣା ବ୍ରଜବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆୟୁଷ ଚିକିତ୍ସାଧିକାରୀ ଡା. ମୀନାକ୍ଷୀ ବେଡବାକ, ଡା. କ୍ଷେତେରା କାଣ୍ଡ, ବ୍ରଜବିହାର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ

**୧୦ ବିଦ୍ୟାଳୟର ୩୭୦୦ରୁ ଅଧିକ ଛାତ୍ରୀଛାତ୍ର ସାମିଲ**

ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି। ବେଦାନ୍ତ ଆଲୁମିନିୟମର ବକ୍ସାଇଟ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି, ସରକାର ଓ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ସେପ୍ଟେମ୍ବରରେ ପ୍ରାୟ ୧୦୦୦ ଛାତ୍ରୀଛାତ୍ରଙ୍କୁ ଉପକୃତ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରିଥିଲୁ। ଏବେ ଏହାକୁ ଆହୁରି ବ୍ୟାପକ କରିଛୁ ବୋଲି କହିଛନ୍ତି।

## ଶିଶୁ ମହୋତ୍ସବ ସୁରଭି

ନୂଆପଡ଼ା,୨୪।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ହାଇସ୍କୁଲରେ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି। ଏଥିରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଜୋଷୀ ଅଧ୍ୟକ୍ଷତା କରିଥିଲେ। ୱାର୍ଡ ସଦସ୍ୟା ରାଜରାଣୀ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଉନ୍ମୋଚନ କରିବାର ମାଧ୍ୟମ ସୁରଭି ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ନରୋତ୍ତମ ଠାକୁର, ସିଆର୍‌ସିସି ରଜନୀକାନ୍ତ ଜୋଷୀ, ବାଳିକା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଧୁମିତା ପଟ୍ଟନାୟକ ମଞ୍ଚାସୀନ ଥିଲେ।

## ଜୋନାଲସ୍ତରୀୟ କବାଡ଼ି: ଡିଏଭି ଲାଞ୍ଜିଗଡ଼ ଚାମ୍ପିୟନ





ଚାମ୍ପିୟନ ହୋଇଥିବା କବାଡ଼ି ପ୍ରତିଯୋଗୀ।

ଲାଞ୍ଜିଗଡ଼,୨୪।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧୪ବର୍ଷରୁ କମ୍ ବର୍ଗର ବାଳିକା ପ୍ରତିଯୋଗୀ ଡିଏଭି ଜୋନାଲ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତା ଡିଏଭି ଏ.ଏନ୍. କୋଶଲା ରାଉରକେଲାଠାରେ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷିକା ଶିଳ୍ପୀ ଲାହା ଓ ଶିକ୍ଷୟିତ୍ରୀ ସସ୍ମିତଲତା ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ରାଉରକେଲା ଗସ୍ତ କରିଥିଲେ। ପ୍ରତିଯୋଗୀମାନେ ଗତ ବର୍ଷର ଚାମ୍ପିୟନ ଡିଏଭି ରାଉରକେଲା ପ୍ରତିଯୋଗୀଙ୍କୁ ୩୬-୩୫ ପଏଣ୍ଟରେ ପରାସ୍ତକରି ଚାମ୍ପିୟନ ହୋଇ ଜାତୀୟ ଡିଏଭି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ସମେତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଖେଳାଳି ଓ ଶିକ୍ଷୟିତ୍ରୀ ଶିଳ୍ପୀ ଓ ସସ୍ମିତଲତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଚକ୍ଷୁ ଓ ଚର୍ମରୋଗ ଚିକିତ୍ସା ଶିବିର

କେସିଙ୍ଗା,୨୪।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଦ୍ୱାରା ଚକ୍ଷୁ ଓ ଚର୍ମରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କେନ୍ଦ୍ର ଅଧ୍ୟକ୍ଷା ଡା. ପ୍ରୟାଗ ପ୍ରତିଶ୍ରୁତି ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଭବାନିପାଟଣା ମେଡିକାଲ କଲେଜର ଚର୍ମରୋଗ ବିଶେଷଜ୍ଞ ଡା. ସାରଦା ମିଶ୍ର ଯୋଗଦେଇଥିଲେ। ଶିବିରରେ ୫୧ ଜଣ ଚର୍ମରୋଗୀ ଓ ୬୫ଜଣ ଚକ୍ଷୁ ରୋଗୀଙ୍କୁ ଚିକିତ୍ସା କରାଯାଇ ମାଗଣାରେ ଔଷଧ ଏବଂ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ହିସାବ ରକ୍ଷକ ବିଶ୍ୱଭୂଷଣ ପ୍ରଧାନଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ରୋଗୀ ଚିକିତ୍ସା କରୁଛନ୍ତି ଡାକ୍ତର।

# ପ୍ରବାସୀ ଶ୍ରମିକ ପ୍ରଥାର ମୂଳୋତ୍ପାଟନ ହେବ

ନୂଆପଡ଼ା,୨୪।୧୦ (ମକାରୁ ବେମାଲ)



ବୈଠକରେ ବିଭନ୍ନ ବିଭାଗୀୟ ଅଧିକାରୀ।

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ପାଇଁ ସମସ୍ତ ବିଭାଗର ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ସମସ୍ତ ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ସମସ୍ତ ବିଭାଗର ସମ୍ମିଳିତ ଉଦ୍ୟମରେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସେ ଆହୁରି କହିଥିଲେ, ବିଭିନ୍ନ ବିଭାଗର ବିଗତ ଦିନର କାର୍ଯ୍ୟାବଳୀର

**ସମସ୍ତ ବିଭାଗର ସହଯୋଗ ପାଇଁ ଆହ୍ୱାନ**

ସମୀକ୍ଷାରୁ ଜଣାପଡିଛି ଯେ, ଜିଲାରେ ବନ ବିଭାଗ ପକ୍ଷରୁ ୨,୩୭,୬୦୧, ପଞ୍ଚାୟତିରାଜ ବିଭାଗରୁ ୨୩,୮୨,୭୧୦, ଜଳବିଭାଜିକା ବିଭାଗ ପକ୍ଷରୁ ୧,୧୪,୩୬୫ ଦିନ କାମ ଯୋଗାଇ ଦିଆଯାଇଛି। ମିଶନ ଶକ୍ତି ତରଫରୁ ୪ କୋଟି ୨ ଲକ୍ଷ ୫୬ ହଜାର ୪୮୦ ଟଙ୍କା ବ୍ୟାଙ୍କ ସହାୟତା ବିଭିନ୍ନ ଶ୍ରମିକ ପରିବାରଙ୍କୁ ଯୋଗାଇ ଦିଆଯାଇଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ପାଳନ, ଏଲ୍‌ଡିଏମ୍ ଆଦି ବିଭାଗ ପକ୍ଷରୁ ମଧ କୃଷକ ଓ ଶ୍ରମିକ ପରିବାରକୁ ସରକାରୀ ସହାୟତା ଓ ବିଭିନ୍ନ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି । ଜିଲା ଶ୍ରମ ବିଭାଗରୁ ଶ୍ରମିକ ପରିବାରଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରସୂତି, ବିବାହ, ମୃତ୍ୟୁକାଳିନ ସହାୟତା ଯୋଗାଇ ଦିଆଯାଉଛି। ଜିଲାରେ ପ୍ରବାସୀ ଶ୍ରମିକ ପ୍ରଥାର ମୂଳୋତ୍ପାଟନ କରିବା ପାଇଁ ଜିଲାପାଳ ଦାସ ସମସ୍ତଙ୍କୁ ଆହ୍ୱାନ କରି ସହଯୋଗ କାମନା କରିଛନ୍ତି ।

## ସଂକ୍ଷେପରେ

### ଟାଏକୋଣ୍ଡୋରେ ସୁପ୍ରିୟାଙ୍କୁ ସ୍ୱର୍ଣ୍ଣପଦକ




**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଭାଗ ଛାତ୍ରୀ ସୁପ୍ରିୟା ତାଣ୍ଡି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆନ୍ତଃ କଲେଜ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହାସହିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ତାଇକୋଣ୍ଡୋ ପ୍ରତିଯୋଗିତାକୁ ସେ ମନୋନୀତ ହୋଇଛନ୍ତି। ସୁପ୍ରିୟାଙ୍କ ଏଭଳି ସଫଳତାରେ ପଞ୍ଚାୟତ କଲେଜରେ ଖୁସିର ଲହରି ଦେଖିବାକୁ ମିଳିଛି। କଲେଜ ଅଧ୍ୟକ୍ଷ ପ୍ରଫେସର ନକୁଳ ସେଠ ଏବଂ ଅନ୍ୟ ସହକର୍ମୀ ସୁପ୍ରିୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପୂର୍ବତନ କାଉନସିଲରଙ୍କ ପରଲୋକ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୭ ଅମ୍ବାପାଲିର ପୂର୍ବତନ କାଉନସିଲର ପଦ୍ମଲୋଚନ ମଲ୍ଲିକଙ୍କ ଗୁରୁବାର ପରଲୋକ ହୋଇଛି।



ରାୟପୁରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ମଲ୍ଲିକ ବିଜେଡ଼ିର ଜଣେ କାର୍ଯ୍ୟକର୍ତ୍ତା ଏବଂ ବରଗଡ଼ ଧନୁଯାତ୍ରା ମହୋତ୍ସବ ଗୋପପୁର କମିଟିରେ ମଧ୍ୟ ସେ ଜଣେ ସକ୍ରିୟ ସଭ୍ୟ ରହିଥିଲେ। ତାଙ୍କ ପରଲୋକରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଗଭୀର ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ମଲ୍ଲିକଙ୍କ ପୁଅ ଶୁଭମ ମୁଖାଗ୍ନି ଦେଇଥିଲେ।

### ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଇଂ. ନଳ



ଭୋଇ(୮୫)ଙ୍କ ପରଲୋକ ହୋଇଛି। ରାୟପୁରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଭୋଇ ସୁନ୍ଦରଗଡ଼, ରାଉରକେଲା, ବଲାଙ୍ଗୀର, ଭୁବନେଶ୍ୱର ଆଦି ସ୍ଥାନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ସେ ସରସରା ଖଗେଶ୍ୱର ସାହିତ୍ୟ ସଂସଦର ପୂର୍ବତନ ସଭାପତି ଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ପୁଅ ଆଶୁତୋଷ ମୁଖାଗ୍ନି ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁକୁନ୍ଦ



**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ମୁଖ୍ୟ ମୁକୁନ୍ଦ ଦାଶ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଆସନ୍ତା ନଭେମ୍ବର ୫ତାରିଖରେ ବରଗଡ଼ରେ ହେବାକୁ ଥିବା ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ଦେଇଥିଲେ। ଏହାସହିତ ଜନକଲ୍ୟାଣ ସେବା ଟ୍ରଷ୍ଟର ବିଭିନ୍ନ ସାମାଜିକ କାର୍ଯ୍ୟ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଲାବେଳୁ କୁଷ୍ଠରୋଗୀଙ୍କ ସେବା କରି ଆସୁଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ ଏବଂ ଜନ କଲ୍ୟାଣ ସେବା ଟ୍ରଷ୍ଟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ବୋଲି ମୁକୁନ୍ଦ କହିଛନ୍ତି।

# ଶିଶୁକନ୍ୟାର ସୁରକ୍ଷା, ଅଧିକାରକୁ ଗୁରୁତ୍ୱ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ରାଲିରେ ଶିଶୁକନ୍ୟା ସୁରକ୍ଷା, ଅଧିକାର ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ବିଡ଼ିଓ ବି. ଡୁଙ୍ଗଡୁଙ୍ଗ, ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ସାମିଲ ଥିଲେ। ଟାଉନ ହାଇସ୍କୁଲର ଛାତ୍ରମାନେ ବାଦ୍ୟ ପରିବେଷଣ କରିଥିଲେ। ପରେ ଅତିରିକ୍ତ




ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁକନ୍ୟାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଏବଂ ମାତୃଶକ୍ତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲାର ୧୨ ବ୍ଲକରୁ ଆସିଥିବା ଶିଶୁକନ୍ୟାମାନଙ୍କ ମଧ୍ୟରେ ବକ୍ତୃତା, ଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଶିଶୁକନ୍ୟାମାନଙ୍କୁ ପୁରସ୍କୃତ କରିଥିଲେ। ବାଳିକା ଶିକ୍ଷା ସଂଯୋଜିକା ସ୍ୱର୍ଣ୍ଣପ୍ରଭା ପଣ୍ଡା, ଶିକ୍ଷା ସଂଯୋଜିକା ପୁଷ୍ପାଞ୍ଜଳି ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଗୋବିନ୍ଦ ସେଠ ଏବଂ ରୀନା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ଏବଂ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପରିତୋଷ ସାହୁ, କୁମୁଦ ସାହୁ, ଗୋପାଳ ମିଶ୍ର ସହଯୋଗ କରିଥିଲେ। ସୁଶାନ୍ତ ମଙ୍ଗୁଆଳ, ସଦାନନ୍ଦ ଜାଲ, ଅରବିନ୍ଦ ଗୁପ୍ତା, ନିବେଦିତା ପୁରୋହିତ, ଅନିତା ସାହୁ, ଅଭୟ ବେହେରା, ସୁଶାନ୍ତ ସାହୁ, ଦିପ୍ତୀମାନ ପାଣିଗ୍ରାହୀ, ବାବୁଲୁ ଦାଶ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଭାର୍ଗବ ନାୟକ, ମିଥୁନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜୋନାଲ ସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁବ ରେଡକ୍ରସ୍‌ର ପ୍ରାଥମିକ ଚିକିତ୍ସା ତାଲିମ ଶିବିର



ତାଲିମ ଶିବିରରେ ଅତିଥିଙ୍କ ଗହଣରେ ରେଡକ୍ରସ୍ ସ୍ୱେଚ୍ଛାସେବୀ।

**ସରଣ୍ଡା, ୨୪।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜରେ ୟୁବ ରେଡକ୍ରସ ତରଫରୁ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକମାନଙ୍କୁ ଆକସ୍ମିକ ଦୁର୍ଘଟଣା ସମୟରେ ସେବା ପ୍ରଦାନ ଓ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ବିପଦ ସମୟରେ ସାହାଯ୍ୟ ପାଇଁ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ତାଲିମଦାତା ଅଧ୍ୟାପକ ଉମାକାନ୍ତ ନାଗ, ୟୁବ ରେଡକ୍ରସ ଜିଲା ସଂଯୋଜକ ସୋନପୁର କଲେଜର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମହାନ୍ତି, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ମନୋରଞ୍ଜନ ତ୍ରିପାଠୀ, ୟୁବ ରେଡକ୍ରସ୍ ଅଧିକାରୀ ସୁନୀଲ ପ୍ରଧାନ, ଅଧ୍ୟାପିକା ବୀଣା ମେହେର, କାଦମ୍ବିନୀ ଗୁରୁ, ମୁଖ୍ୟ କିରାଣୀ ପ୍ରମୋଦ ଚନ୍ଦ୍ର ସେଠ ଯୋଗ ଦେଇ ୟୁବ ରେଡକ୍ରସ୍‌ର ଭୂମିକା ଓ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ନବାଗତ ଛାତ୍ରୀଛାତ୍ରଙ୍କୁ ବହୁମାତ୍ରାରେ ଯୋଗଦେବା ପାଇଁ ଉତ୍ସାହିତ କରାଯାଇଥିଲା। ବୀଣା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ସ୍ୱେଚ୍ଛାସେବୀ ଗୁଲଠୁ ମିନ, ବର୍ଷାରାଣୀ ମେହେର, ଓମ୍ ପ୍ରକାଶ ବାରିକ, ଠାକୁର ଭୋଇ, କୁସୁମଲତା କର ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ କ୍ୟାମ୍ପସରେ ଗର୍‌ବା ନାଇଟ୍



ବିକାଶ କ୍ୟାମ୍ପସରେ ଅନୁଷ୍ଠିତ ଗର୍‌ବା ନାଇଟ୍ କାର୍ଯ୍ୟକ୍ରମ।

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ପ୍ରାଙ୍ଗଣରେ 'ଗର୍‌ବା ନାଇଟ୍' ପାଳିତ ହୋଇଯାଇଛି। ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଏବଂ ବରଗଡର ପ୍ରତିଷ୍ଠିତ ଗୁଜୁରାଟି ପରିବାରଙ୍କ ୭୦ଜଣ ସଦସ୍ୟଙ୍କ ସହିତ ମିଳିତ ଭାବେ ସମସ୍ତ ବିକାଶ ଅନ୍ତେବାସୀ ପାରମ୍ପରିକ ପରିଧାନରେ ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବିକାଶ ଗ୍ରୁପ୍‌ର ଚେୟାର୍‌ମ୍ୟାନ ଡି. ନାଗେଶ୍ୱର ରାଓ, ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର ଏବଂ ବିକାଶ ହାୟର୍ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଏବଂ ବିକାଶ ଫାଷ୍ଟଷ୍ଟେପ୍‌ର ସମସ୍ତ ଅଧକ୍ଷ ମାଁ ଜଗଦମ୍ବାଙ୍କ ଆରାଧନା କରିଥିଲେ। ଚେୟାର୍‌ମ୍ୟାନ ରାଓ ତାଙ୍କ ଅଭିଭାଷଣରେ ପ୍ରତିବର୍ଷ ଭଳି ଏବର୍ଷ ମଧ ଛାତ୍ରୀଛାତ୍ରଙ୍କ ଉତ୍ସାହ ବୃଦ୍ଧି ପାଇଁ ଯୋଗ ଦେଇଥିବା ଗୁଜୁରାଟି ପରିବାର ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଆୟୋଜକ ଏବଂ ସଂଯୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ବିକାଶ ଫାଷ୍ଟଷ୍ଟେପ୍, ବିକାଶ ଡିଗ୍ରୀ କଲେଜ୍, ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ସ୍କୁଲ୍ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ, ଲ' ସ୍କୁଲ, ନର୍ସିଂ କଲେଜ୍ ତଥା ପଲିଟେକ୍ନିକ୍‌ର ଛାତ୍ରୀମାନେ ସୁନ୍ଦର ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶହ ଶହ ଛାତ୍ରୀଛାତ୍ର ଗର୍‌ବା ସଙ୍ଗୀତର ତାଳେ ତାଳେ ଗୁଜୁରାଟି ସଦସ୍ୟଙ୍କ ନିର୍ଦ୍ଦେଶନାରେ ଖେଳ ପଡିଆରେ ଦାଣ୍ଡିଆ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ଦାଣ୍ଡିଆ ପ୍ରଦର୍ଶନ କରିଥିବା ଗୁଜୁରାଟି ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସଂଯୋଜନାରେ ସହାୟକ ହୋଇଥିବା ଜିତୁ ଗଣାତ୍ରା ଏବଂ ନିଲେଶ୍ ଦେସାଇଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଶେଷରେ ସମ୍ବଲପୁରୀ ଓ ଗୁଜୁରାଟିର ଏକ ଆକର୍ଷଣୀୟ ମିଶ୍ରଣ ଦେଖିବାକୁ ମିଳିଥିଲା ଏବଂ ଆବାଳ ବୃଦ୍ଧ ବନିତା ସେଥିରେ ଝୁମି ଉଠିଥିଲେ। ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ସଭା ସଞ୍ଚାଳନ ଏବଂ ଡିନ୍ ଆର୍.ଏସ୍.ଭି. କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଖୋଳାଗଲାନି ଚାଷୀଙ୍କ ଗଭୀର ନଳକୂପ

**ପଦ୍ମପୁର ଉପଖଣ୍ଡ**

**ପଦ୍ମପୁର,୨୪।୧୦(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳର ଚାଷଜମିକୁ ଜଳସେଚନର ସ୍ଥାୟୀ ସୁବିଧା ନାହିଁ। ଫଳରେ ଅଞ୍ଚଳର ଚାଷୀମାନେ ପ୍ରାୟତଃ ବର୍ଷା ଉପରେ ଭରସା କରି ଚାଷକାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ଆରମ୍ଭରୁ ଭଲ ବର୍ଷା ହୋଇଥିବା ବେଳେ ଅକ୍ଟୋବର ମାସରେ ପାଗ ଶୁଖିଲା ରହିବା ସହିତ ପ୍ରବଳ ଗରମ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗତ ସରକାର ସମୟରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ପଦ୍ମପୁର ଉପଖଣ୍ଡର ହଜାର ହଜାର ଚାଷୀ ଗଭୀର ନଳକୂପ ଖୋଳିବା ପାଇଁ ଓଡିଶା ରାଜ୍ୟ ଉଠାଜଳସେଚନ ନିଗମରେ ୨୦ହଜାର ଟଙ୍କା ଜମା କରିଥିଲେ। ଇତିମଧ୍ୟରେ ବର୍ଷେରୁ ଅଧିକ ସମୟ ବିତିଗଲାଣି ମାତ୍ର ସେମାନଙ୍କ ଜମିରେ ଗଭୀର ନଳକୂପ ଖୋଳାଯାଇପାରିନାହିଁ। ଏ ନେଇ ବିଭାଗୀୟ ଅଧିକାରୀ କିଶୋର ଚନ୍ଦ୍ର ମହାଲିକଙ୍କୁ ପଚରାଯିବାରୁ ଚାଷୀଙ୍କ ଖରିଫ ଧାନ ଉଠିଲା ପରେ ସର୍ଭେ କାମ ଆରମ୍ଭ ହେବ ଏବଂ ଚାଷୀଙ୍କୁ ଯୋଗାଯୋଗ କରାଯିବ ବୋଲି ସେ କହିଥିଲେ।

### ମହିମାଶ୍ରମ କଳାକାରଙ୍କ ବୈଠକ

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଲି ଭୁକ୍ତା ମହିମାଶ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନାରେ ଅନ୍ତର୍ଭୁକ୍ତ କଳାକାରଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବେଣୁଧର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରତ୍ୟେକ ମାସ ପହିଲାରେ ସମସ୍ତ କଳାକାରଙ୍କୁ ନେଇ ସାଧାରଣ ସଭା କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି କଳାକାର ଭତ୍ତାଧାରୀଙ୍କୁ ନେଇ ଏକ ସଂଘ ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କଳାକାର ଭତ୍ତା ପାଇବାରୁ ବଞ୍ଚିତ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ କଳାକାର ସଂଘ ପକ୍ଷରୁ ଦାବି କରାଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କୁମାର ପଟେଲ, ଯୁଧିଷ୍ଠିର ଦେହେରୀ, ଯାଦବ ଛତର, ରବି ବେହେରା, ଅଣ୍ଡାରାମ ପ୍ରଧାନ, ଲତା ନାୟକ, ହେମନ୍ତ ବାଗ, ପର୍ଶୁରାମ ବାରିକ, କୃପାରାମ ବାରିକ, ସରଜୁ ସା, ସାଧୁ ପ୍ରଧାନ, କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ବିକ୍ରି ଉପରେ ଚଢାଉ



ବିଭାଗ ପକ୍ଷରୁ ଦୋକାନରେ ଚଢାଉ କରାଯାଉଛି।

**ସୋହେଲା,୨୪।୧୦(ଅଶ୍ୱିନୀ କୁମାର ପାତ୍ର)**

ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ଅଭିଯୋଗରେ ୩୦ଜଣଙ୍କଠାରୁ ବରଗଡ଼ ଜିଲା ସୋହେଲା ବ୍ଲକ ଅଞ୍ଚଳରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରି ୬,୬୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ପଦ୍ମପୁର ରୋଡ୍ ସୋହେଲାରୁ ଆରମ୍ଭ କରି ଥାନା ଛକ ପର୍ଯ୍ୟନ୍ତ ସମସ୍ତ ପାନ ଦୋକାନ, ରାସ୍ତାକଡ଼ ଜଳଖିଆ ଦୋକାନ,ଏବଂ ଅନ୍ୟାନ୍ୟ ଦୋକାନରେ ଏହି ଚଢାଉ କରାଯାଇଥିଲା। ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ଶିତେଶ ତ୍ରିପାଠୀ, ଅବକାରୀ ବିଭାଗର ଜତିନ କୁମାର ଦୀପ, ପୋଲିସ ଏଏସ୍‌ଆଇ ସୁଶାନ୍ତ ଭୋଇ ସଦଳବଳ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ମାରିଲେ



ତାଲା ମାରି ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ଉଠାଜଳସେଚନ ପ୍ରକଳ୍ପ ଏବଂ ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ପ୍ରତିବାଦରେ ବରଗଡ଼ ଜିଲା ଭେଡ଼େନରେ ଗୁରୁବାର ଆନ୍ଦୋଳନ ତେଜି ଉଠିଥିଲା। ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ଗୁଦୁରାମୁଣ୍ଡା ଏବଂ କୁତପାଲି ଗ୍ରାମର ଅନେକ ଚାଷୀ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ କାର୍ଯ୍ୟାଳୟକୁ ଆସି ତାଲା ପକାଇଥିଲେ। ବିଦ୍ୟୁତ ବିଭାଗ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସୁଥିବାବେଳେ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଯୋଗୁ ଫସଲ ଉଜୁଡ଼ି ଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ସଂଯୋଗ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଉଠିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ପରେ ବିଦ୍ୟୁତ୍ ସଂଯୋଗ ନେଇ ବିଭାଗୀୟ ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

# ରେଲୱେ ଜିଏମ୍‌ଙ୍କ ସହ ଏମ୍‌ପିଙ୍କ ଆଲୋଚନା

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ନୂଆପଡ଼ା ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର (ଜି.ଏମ୍) ପରମେଶ୍ୱର ଫୁଙ୍କୱାଲଙ୍କ ସହିତ ଆଲୋଚନା କରିଛନ୍ତି। ରେଲୱେ ଆକ୍ଟ ଅନ୍ତର୍ଗତ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ୧୩୮ କି.ମି ଦୀର୍ଘ ଏହି ରେଳପଥ ନିର୍ମାଣ ଘୋଷଣା ହୋଇଛି ଏବଂ ଏଥିପାଇଁ ଜମି ଅଧିଗ୍ରହଣ ଚାଲିଥିବା ଜି.ଏମ ଫୁଙ୍କୱାଲ କହିଥିଲେ ବୋଲି ପୁରୋହିତ ଏକ ବିବୃତିରେ ସୂଚନା ଦେଇଛନ୍ତି। ଏଥିପାଇଁ ଜଣେ ମୁଖ୍ୟଯନ୍ତ୍ରୀ, ଜଣେ ଉପମୁଖ୍ୟ ଯନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତ କରାଯାଇଛି ଏବଂ ବରଗଡ଼ ଉପଜିଲାପାଳଙ୍କୁ ଜମି ଅଧିଗ୍ରହଣ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଛି। ସେହିପରି ଏହି ରେଳପଥରେ ଆସୁଥିବା



ରେଳବାଇ ଜିଏମ୍‌ଙ୍କ ସହିତ ବରଗଡ଼ ଏମ୍‌ପିଙ୍କ ଆଲୋଚନା।

**ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ ପ୍ରସଙ୍ଗ**

ଜିରା ଏବଂ ଅଙ୍ଗ ନଦୀ ପୋଲ ଉପରେ ମଧ୍ୟ ଜି.ଏମ୍‌ଙ୍କ ସହିତ ଆଲୋଚନା କରିଥିବା ପୁରୋହିତ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ଅନୁଗୁଳ-ସୁକିନ୍ଦା ରେଲୱେ ମ୍ୟାନେଜିଂ ଡାଇରେକ୍ଟର ଦିଲୀପ ସାମନ୍ତରାୟ, ନିର୍ମାଣ ବିଭାଗ ମୁଖ୍ୟ ପ୍ରଶାସନିକ ଅଧିକାରୀ ଗୌତମ ଶ୍ରୀନିବାସ ଉପସ୍ଥିତ ଥିଲେ।

# ପୁସ୍ତକ ସୃଷ୍ଟି କରେ ଅସାଧାରଣ ପ୍ରତିଭା

**ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପୋଢ଼ମୁଣ୍ଡା କ୍ଲଷ୍ଟର ଅଧୀନ ସାହାଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରେମରାଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ପଠନ ମାଧ୍ୟମରେ ସାଧାରଣ ଲୋକଟିଏ କିଭଳି ଅସାଧାରଣ ସମ୍ପନ୍ନ ଅଧିକାରୀ ହୋଇପାରେ ବିଭିନ୍ନ ଉଦାହରଣ ଦେଇ ତାହା ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁଚରଣ ଭୁଏ ଶିଶୁଶ୍ରୀ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଶିଶୁଶ୍ରୀର ଆବାହକ ଡଃ ରବିନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଶିକ୍ଷକ ଆହ୍ଲାଦ ଚନ୍ଦ୍ର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ଛାତ୍ର ବକ୍ତବ୍ୟ ରଖୁଛନ୍ତି।

# ନୃସିଂହନାଥ ମନ୍ଦିର, ଗନ୍ଧମାର୍ଦ୍ଦନର ବିକାଶ ପାଇଁ ଦାବିପତ୍ର ପ୍ରଦାନ

**ପାଇକମାଳ,୨୪।୧୦(ବଡ଼ ଶତପଥୀ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଓ ଗନ୍ଧମାର୍ଦ୍ଦନରେ ପର୍ଯ୍ୟଟନର ବିକାଶ ପାଇଁ ଏକ ଦାବିପତ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ବରଗଡ ଏମ୍‌ପି ତଥା ଗନ୍ଧମାର୍ଦ୍ଦନ ଆନ୍ଦୋଳନର ପୁରୋଧା ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍‌ପି ପୁରୋହିତଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ, ଗବେଷକ ତଥା



ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅଧ୍ୟାପକ ସୁଶାନ୍ତ ମିଶ୍ର, ସାମାଜିକ କର୍ମୀ ସଞ୍ଜୀବ କୁମାର ମାଝୀ, ସତ୍ୟ ବେହେରା ପ୍ରମୁଖ ଲୋକସେବା ଭବନରେ ଭେଟି ଦାବିପତ୍ର ପ୍ରଦାନ ସହିତ ଆଲୋଚନା କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଭିନ୍ନ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁରାଣ ପ୍ରସିଦ୍ଧ ଏହି ପବିତ୍ର ମହାନ ଧାର୍ମିକ ପୀଠକୁ ଓଡ଼ିଶା, ଛତିଶଗଡ ସମେତ ବିଭିନ୍ନ ରାଜ୍ୟରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ପର୍ଯ୍ୟଟନର ଅଧିକ ବିକାଶର ଆବଶ୍ୟକତା ରହିଛି। ଚିରସ୍ରୋତା ଝରଣା ତଥା ବଣ ପାହାଡ ଘେରା ପ୍ରାକୃତିକ ପରିବେଶ, ଜୈବ ବିବିଧତା ପରିପୂଷ୍ଟ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ସନ୍ନିକଟ ଗନ୍ଧମାର୍ଦ୍ଦନ ପାଦଦେଶରେ ଏକ ଚିଡ଼ିଆଖାନା ପ୍ରତିଷ୍ଠା ପାଇଁ ଉପଯୁକ୍ତ ପରିବେଶ ରହିଛି। ତେଣୁ ଗନ୍ଧମାର୍ଦ୍ଦନ ଜଙ୍ଗଲକୁ ସଂରକ୍ଷିତ ଘୋଷଣା କରି ଚିଡ଼ିଆଖାନା ପ୍ରତିଷ୍ଠା କଲେ ଗନ୍ଧମାର୍ଦ୍ଦନ ସୁରକ୍ଷିତ ରହିବା ସହିତ ପର୍ଯ୍ୟଟନର ବିକାଶ ହୋଇପାରିବ। ଉକ୍ତ ମନ୍ଦିରର ପ୍ରାଚୀନ ଶିଳାଲିପି, ପ୍ରତ୍ନତତ୍ତ୍ୱ, ମନ୍ଦିରର ସ୍ଥାପତ୍ୟ, କଳା ତଥା ଗନ୍ଧମାର୍ଦ୍ଦନ ପାହାଡ଼ରେ ଔଷଧୀୟ ବୃକ୍ଷ, ବିଭିନ୍ନ ଜନଜାତି, ଧର୍ମ, ସଂସ୍କୃତି ଜୀବିକାର ସହାବସ୍ଥାନ ରହିଛି। କିନ୍ତୁ ସମୟ ସ୍ରୋତରେ ସେସବୁ ବିଲୀନ ହୋଇ ଚାଲିଛି। ତେଣୁ ଏକ ସଂଗ୍ରହାଳୟ ମାଧ୍ୟମରେ ଏସବୁର ସୁରକ୍ଷା କରାଯାଇପାରିବ ବୋଲି କୁହାଯାଇଛି। ସେହିପରି ଗୋଟିଏ ପାହାଡ଼ର ଦୁଇ ପାର୍ଶ୍ୱରେ ଥିବା ନୃସିଂହନାଥ ଓ ହରିଶଙ୍କର ମନ୍ଦିରକୁ ରୋପ୍ ୱେ ମାଧ୍ୟମରେ ସଂଲଗ୍ନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ମହାବୀର ଫେରୋ ଆଲଏଜ୍ ସିରିଜ୍ ଚୋରି ମାମଲାରେ ୧୨ ଗିରଫ

**ବେଦବ୍ୟାସ,୨୪।୧୦(ଆଲୋକ ସ୍ୱାଇଁ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଆଇଡିସିରେ ଥିବା ମହାବୀର ଫେରୋ ଆଲଏଜ ପ୍ରାଇଭେଟ୍ ଲିମିଟେଡ୍‌ରୁ ଗତ ମେ ମାସରୁ ହୋଇଥିବା ସିରିଜ ଚୋରିରେ ପୋଲିସ ୧୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିରମିତ୍ରପୁରର ଅମନ କିଷାନ(୨୬), ଭାଲୁଲତାର ପ୍ରଫୁଲ କିସପୋଟା(୩୮), ହାତୀବାରିର ଲୁଲିଆନ୍ ବୁଡ୍(୨୬), ରାଜଗାଙ୍ଗପୁରର ମନୋଜ ମିଞ୍ଜ(୩୮), ମାଣ୍ଡିଆକୁଦରର ରାକେଶ ରୋଷନ(୩୫), ଡିପାଟୋଲିର ଜାନରସ୍ ମାଝୀ(୪୧), ରାଞ୍ଚିର ଦୀପୁ ସାହୁ(୨୬), ଜଲଦାର ଶଙ୍କର ସିଂହ(୩୫), ଗୁରୁଣ୍ଡିଆର ଶାଳୀଗ୍ରାମ ସିଂହ(୩୮), ଛେଣ୍ଡର ଶାନ୍ତନୁ ଦାସ(୩୭), ଫର୍ଟିଲାଇଜରର ପ୍ରକାଶ ବେହେରା(୪୯) ଏବଂ ଟିସିଆଇ ଛକର ସନ୍ଦୀପ ଗୁପ୍ତା(୨୮)। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୦/୨୪) ରୁଜୁ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧୪ଟି ଆଇରନ୍ ବିଲେଟ୍, ୩ଟି ଫାଉଣ୍ଡର ବୋଲ୍ଟ, ୧୯ଟି କ୍ରଶର ବେଲ୍ଟ ସ୍ଲିପର, ୯୧ ଖଣ୍ଡ ଆଇରନ ପ୍ଲେଟ୍, ୧୨୭ଟି ଆଇରନ ରଡ୍, ୪ଟି କନଭେୟର ବେଲ୍ଟ ରୋଲର, ୪ଟି କାଷ୍ଟିଂ ବେଲ୍ଟ ସ୍ଲିପର ଆଦି ଜବତ ହୋଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଏହି ସିରିଜ ଚୋରିର ଅଭିଯୁକ୍ତଙ୍କ ଧରିବା ଲାଗି ଅଭିଯାନ କରାଯାଇଥିଲା। ସେହିପରି ଚୋରି ସାମଗ୍ରୀଗୁଡ଼ିକ ବିକ୍ରି ହୋଇଥିବା କଣ୍ଢା ଦୋକାନକୁ ସିଲ୍ କରାଯାଇଛି।

### ବାତ୍ୟା ଯୋଗୁ ବାଣ ଦୋକାନ ଲଟେରି ବାତିଲ

**ରାଉରକେଲା,୨୪।୧୦(ସଙ୍ଗୀତା ଜେନା):** ବାତ୍ୟା ଦାନା ଯୋଗୁ ଆସନ୍ତା ଦୀପାବଳି ପାଇଁ ହେବାକୁ ଥିବା ବାଣଦୋକାନ ଲଟେରିକୁ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ବାତିଲ କରିଛନ୍ତି। ଏହାକୁ ୨୬ ତାରିଖରେ କରିବାକୁ ଉଲ୍ଲେଖ ରହିଛି। ଫର୍ଟିଲାଇଜର, ବନ୍ଧମୁଣ୍ଡା, ପାନପୋଷ, ପ୍ଲାଣ୍ଟସାଇଟ୍ ଟ୍ରକ ପାର୍କିଂସ୍ଥଳ, ସେକ୍ଟର-୧୩ ମେଲଣ ପଡିଆରେ ଏହି ଅସ୍ଥାୟୀ ବାଣଦୋକାନ କରାଯାଉଛି। ୨୬ ତାରିଖରେ ଉଦିତନଗରସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏହି ଲଟେରି ଉଠାଣ କରାଯିବ। ଦୋକାନ ପାଇଁ ଆବେଦନ କରିଥିବା ବ୍ୟବସାୟୀଙ୍କୁ ଏହି ଆଧାରରେ ଲାଇସେନ୍ସ ପ୍ରଦାନ କରାଯିବ। ଚଳିତ ଥର ୩ ଶହରୁ ଊର୍ଦ୍ଧ୍ୱ ବାଣଦୋକାନୀ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ବାଣଦୋକାନ ଖୋଲିବାକୁ ଆବେଦନ କରାଯାଇଛି। ସୂଚନାଯୋଗ୍ୟ, ପ୍ରାୟ ୫ ଦିନ ତଳେ ସୁରକ୍ଷିତ ବାଣଦୋକାନ ପାଇଁ ସରକାରଙ୍କ ପକ୍ଷରୁ ମାଗଦର୍ଶିକା ଜାରି କରାଯାଇଥିଲା। ଏଥିରେ ଦୋକାନୀମାନଙ୍କୁ ନିୟମ ପାଳନ କରିବା ବାଧ୍ୟତାମୂଳକ କରାଯାଇଛି।

# ଝାଡ଼ଖଣ୍ଡରେ ଦମନଲୀଳା, ଓଡ଼ିଶାରେ ଶରଣ

**ସୀମାନ୍ତରେ ମାଓବାଦୀ ସକ୍ରିୟ**
- ନଭେମ୍ବରରେ ରହିଛି ଝାଡ଼ଖଣ୍ଡ ନିର୍ବାଚନ
- ରାଉରକେଲା ପୋଲିସ ପକ୍ଷରୁ କଡ଼ା ଯାଞ୍ଚ

**ରାଉରକେଲା,୨୪।୧୦(ସଙ୍ଗୀତା ଜେନା)**

ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଆସନ୍ତା ନଭେମ୍ବର ମାସରେ ହେବାକୁ ଯାଉଛି। ନିର୍ବାଚନରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମାଓବାଦୀମାନେ ଉଦ୍ୟମ କରୁଛନ୍ତି। ଏହି କ୍ରମରେ ମାଓବାଦୀ ଏବଂ ପ୍ରତିବନ୍ଧିତ ଆପରାଧିକ ସଙ୍ଗଠନ ଗୁଡ଼ିକ ବିଭିନ୍ନ ସ୍ଥାନରେ ଆପରାଧିକ କାର୍ଯ୍ୟ ଘଟାଇବା ସହ ଧମକପୂର୍ଣ୍ଣ ପୋଷ୍ଟର ଲଗାଇ ସ୍ଥାନୀୟ ଲୋକମାନଙ୍କୁ ନିର୍ବାଚନରୁ ବିରତ ରହିବାକୁ ଚେତାବନୀ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେଠାକାର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଛି। ଅନ୍ୟପକ୍ଷେ ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ପ୍ରତିଫଳିତ ହେଉଛି। ଝାଡ଼ଖଣ୍ଡରେ ମାଓବାଦୀ ଓ ଆପରାଧିକ ଗ୍ୟାଙ୍ଗ ଦମନଲୀଳା ଚଳାଇଥିବା ବେଳେ ସେମାନେ ଓଡ଼ିଶାରେ ଶରଣ ନେଉଥିବା ଆଶଙ୍କା କରାଯାଉଛି। ଏହାକୁ ନେଇ ସୀମାନ୍ତ ଜରେଇକେଲା, ବିଶ୍ରା, ନୂଆଗାଁ ଭଳି ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ସ୍ଥାନୀୟ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଉକ୍ତ ଅଞ୍ଚଳରେ ଅନେକ ସନ୍ଦିଗ୍ଧ ଗୁପ୍ତ ବୈଠକ କରୁଥିବା ଯୋଗୁ ଭୟର ବାତାବରଣ ରହିଛି। ମାଓବାଦୀମାନେ ଏହି ଅଞ୍ଚଳଗୁଡିକରେ ସକ୍ରିୟ ହୋଇପଡିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ସୀମାରେ କଡା ଯାଞ୍ଚ ଏବଂ ନିରନ୍ତର ପାଟ୍ରୋଲିଂ କରୁଥିବା କୁହାଯାଇଛି। ଜରେଇକେଲା ଅଞ୍ଚଳର ୪୦ ପ୍ରତିଶତ ଓଡ଼ିଶା ପୋଲିସ ଅଧୀନରେ ଥିବାବେଳେ ଅବଶିଷ୍ଟ ୬୦ ପ୍ରତିଶତ ଝାଡଖଣ୍ଡ ପୋଲିସ ଅଧୀନରେ ରହିଛି। ଉକ୍ତ ୪୦ ପ୍ରତିଶତ ଅଞ୍ଚଳରେ ଜରେଇକେଲା ଫାଣ୍ଡି ରହିଛି। ସେହିପରି ୬୦ ପ୍ରତିଶତ ଅଞ୍ଚଳରେ ଝାଡଖଣ୍ଡ ରାଜ୍ୟର ପୋଲିସ ଥାନା ରହିଛି। ଏହି ଦୃଷ୍ଟିରୁ ମାଓବାଦୀମାନେ ଜରେଇକେଲାକୁ ଅଧିକ ଟାର୍ଗେଟ କରିଆସୁଛନ୍ତି।

ମାଓବାଦୀମାନେ ରାଜ୍ୟରେ ପ୍ରତିବନ୍ଧିତ ମାଦକଦ୍ରବ୍ୟ ଚାଲାଣ, ଅସ୍ତ୍ରଶସ୍ତ୍ର ଚାଲାଣ ଏବଂ ଅନ୍ୟ ଆପରାଧିକ ଘଟଣା ଘଟାଇବାକୁ ଯୋଜନା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପଡୋଶୀ ରାଜ୍ୟ ପକ୍ଷରୁ ଘନ ଘନ ଉଚ୍ଚସ୍ତରୀୟ ବୈଠକ କରାଯାଉଛି। ଏହା ସହ ଓଡ଼ିଶା ପୋଲିସ ସହ ମଧ୍ୟ ମିଳିତ ଆଲୋଚନା କରାଯାଉଛି। ଓଡ଼ିଶା ସୀମାନ୍ତ ବିରମିତ୍ରପୁର, ବାଂଶଜୋର, ସିମଡେଗା, ଲୋହରଦଗା, ବିଶ୍ରା-ଜରେଇକେଲା, ନୂଆଗାଁ ଭଳି ଅଞ୍ଚଳ ଦେଇ ଯାତାୟାତ କରୁଥିବା ବାହ୍ୟ ରାଜ୍ୟ ବସ୍‌ଗୁଡ଼ିକର କଡା ଯାଞ୍ଚ କରାଯାଉଛି। ଗତ ୩ ଦିନ ମଧ୍ୟରେ ବିରମିତ୍ରପୁର, ବାଂଶଜୋର, ଖମମ ଭଳି ପୋଷ୍ଟରେ ଶହେ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ପଡୋଶୀ ରାଜ୍ୟ ପକ୍ଷରୁ ଗତ ୧୭ ତାରିଖରେ ସୀମାନ୍ତ ପଲାମୁରେ ବ୍ୟାପକ ଅସ୍ତ୍ରଶସ୍ତ୍ର ଧରପଗଡ଼ ହୋଇଥିଲା। ଅନୁରୂପ ଭାବେ ଗତ ୨୦ ତାରିଖରେ ଚାଇଁବାସା ଅଞ୍ଚଳରେ ପ୍ରତିବନ୍ଧିତ ବିଏଚ୍‌କେପି (ମାଓବାଦୀ) ସଙ୍ଗଠନ ଉପରେ ଚଢ଼ାଉ କରି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଧରପଗଡ଼ କରାଯାଇଥିଲା। ଅନୁରୂପ ଭାବେ ଓଡ଼ିଶା ପୋଲିସ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି।

ଏ ସମ୍ପର୍କରେ ଜୋନାଲ୍ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ଝାଡଖଣ୍ଡ ନିର୍ବାଚନର ପ୍ରଭାବ ରହିଛି। ମାଓବାଦୀଙ୍କୁ ଦମନ କରିବାକୁ ରାଜ୍ୟ ପୋଲିସ ସଜାଗ ରହିଛି। ଗତ ୧୫ ତାରିଖରେ ଝାଡ଼ଖଣ୍ଡ ଅଧୀନ ଜରେଇକେଲା ଥାନା ଅଞ୍ଚଳରେ ବିହାର ଝାଡ଼ଖଣ୍ଡ ସ୍ପେଶାଲ ଏରିଆ କମିଟି ପକ୍ଷରୁ ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଏଥିପାଇଁ ବିଶ୍ରା ପୋଲିସ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ସେମାନଙ୍କ ଗତିବିଧି ଲକ୍ଷ୍ୟ କରାଯାଉଛି। ସେହିପରି ଜିଲା ଭଲୁଣ୍ଟାରୀ ଫୋର୍ସ (ଡିଭିଏଫ୍) ପକ୍ଷରୁ ନିରନ୍ତର ପାଟ୍ରୋଲିଂ ଜାରି ରହିଛି। ଅନେକ ସମୟରେ ସୀମା ସିଲ୍ କରାଯାଇ ଯାଞ୍ଚ କରାଯାଉଛି। ମିଳିତ କୋମ୍ବିଂ ଅପରେଶନ ମଧ କରାଯାଉଛି। ଓଡ଼ିଶା ସଂଲଗ୍ନ ବ୍ରିଜ, ଗ୍ରାମାଞ୍ଚଳ ରାସ୍ତା ଗୁଡ଼ିକରେ ନାକାବନ୍ଦୀ କରାଯାଉଛି ବୋଲି ଡିଏସ୍‌ପି ମହାପାତ୍ର ସୂଚନା ଦେଇଥିଲେ।

# ୨୭ରେ ନୃତ୍ୟ ସମର୍ପଣ ସମାରୋହ ଉତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ତ୍ରିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଖବରଦାତା ସମ୍ମିଳନୀ**

**ରାଉରକେଲା,୨୪।୧୦(ଦିନେଶ ମିଶ୍ର)**

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବ ପରିସରରେ ତ୍ରିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଧାରଣ ସମ୍ପାଦକ ସମ୍ବିତ ଦାଶଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨୭ ତାରିଖ ସନ୍ଧ୍ୟା ୬ଟାରେ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ନୃତ୍ୟ ସପର୍ମଣ ସମାରୋହ ଉତ୍ସବ-୨୦୨୪ ପାଳନ କରାଯିବ। ଏହାକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିବାକୁ ଥିବାବେଳେ ଆରଏସ୍‌ପି ଟାଉନ୍ ଇଞ୍ଜିନିୟରିଂ ବିଭାଗର ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଓ ସମାଜସେବୀ କମଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଓଡ଼ିଶୀ ନୃତ୍ୟଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ତ୍ରିଶା ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ଓଡ଼ିଶୀ ଡ୍ୟାନ୍ସର ଓ କୋରିଓଗ୍ରାଫର ପୁଷ୍ପା ମିଶ୍ରଙ୍କୁ ନୃତ୍ୟ ଶିରୋମଣି ସମ୍ମାନ ଓ ରାଉରକେଲା ସହରର ସର୍ବପୁରାତନ କଳାସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ ସର୍କଲ ଓ ଇସ୍ପାତ କଳା ପରିଷଦକୁ ଉକ୍ତ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଦସ୍ୟ ଜ୍ୟୋତିର୍ମୟୀ ସାହୁ, ମାନସିଂ ସମାସୀ, ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗାୟତ୍ରୀ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଆଇଜିଙ୍କୁ ଭେଟିଲେ ଲୋକେ



ଲୋକମାନେ ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟୁଛନ୍ତି।

**ରାଉରକେଲା/ବନ୍ଧମୁଣ୍ଡା, ୨୪।୧୦(ସଙ୍ଗୀତା ଜେନ/ ସୁବ୍ରତ ଢ଼େ)**

ଗତ ୧୮ ତାରିଖରେ ବନ୍ଧମୁଣ୍ଡା ଡିଜେଲ କଲୋନୀର ରେଳବାଇ କନିଷ୍ଠ ଯନ୍ତ୍ରୀଙ୍କ ଘରେ ହୋଇଥିବା ଲକ୍ଷାଧିକ ଟଙ୍କା ସୁନାଗହଣା ଓ ନଗଦ ଲୁଟ୍ ମାମଲାରେ ସ୍ଥାନୀୟ ଲୋକେ ଗୁରୁବାର ବରିଷ୍ଠ

**ବନ୍ଧମୁଣ୍ଡା ଡକାୟତି ମାମଲା**

ପୋଲିସ ଅଧିକାରୀଙ୍କୁ ଭେଟିଥିଲେ। ପୂର୍ବାହ୍ନରେ ବନ୍ଧମୁଣ୍ଡାର କିଛି ରେଳବାଇ କର୍ମଚାରୀ ଏବଂ ମହିଳା ସେକ୍ଟର-୫ ସ୍ଥିତ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ ସେମାନେ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଦାବି କରିଥିଲେ। ମାଣିକ ଚୌଧୁରୀ, ଆଇ. ରମେଶ ରାଜାଙ୍କ ସମେତ କିଛି ରେଳବାଇ କର୍ମଚାରୀ ବନ୍ଧମୁଣ୍ଡାରେ କ୍ରମଶଃ ଚୋରି ଓ ଡକାୟତି ସୀମା ଅତିକ୍ରମ କରିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷେ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ହାତକୁ ନିଆଯାଉଛି ବୋଲି ଡିଆଇଜି ରାୟ କହିଥିଲେ।

# ନାମାଙ୍କନପତ୍ର ଯାଞ୍ଚ ସରିଲା

## ଆର୍‌ଏସ୍‌ପି ସ୍ୱୀକୃତି ଶ୍ରମିକ ନିର୍ବାଚନ

**ରାଉରକେଲା,୨୪।୧୦(ସଙ୍ଗୀତା ଜେନା)**

ନଭେମ୍ବର ୧୨ତାରିଖରେ ହେବାକୁ ଥିବା ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଶ୍ରମିକ ସ୍ୱୀକୃତି ନିର୍ବାଚନରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ବ୍ୟାପୀ ନାମାଙ୍କନ ପ୍ରକ୍ରିୟା କରାଯାଇଥିଲା। ଗୁରୁବାର ନାମାଙ୍କନ ପତ୍ରର ଯାଞ୍ଚ କରାଯାଇଛି। ସେକ୍ଟର-୫ ଟାଉନ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଏହାର ଯାଞ୍ଚ କରାଯାଇଥିଲା। ଏଥିରେ ସିଏଲ୍‌ସି ତଥା ନିର୍ବାଚନ ଅଧିକାରୀ ଏସ୍. ସମ୍ପତଙ୍କ ଅନୁପସ୍ଥିତିରେ ଆଞ୍ଚଳିକ ଶ୍ରମ ଆୟୁକ୍ତ ରବିକାନ୍ତ ରେଡ୍ଡୀ, ଆର୍‌ଏସ୍‌ଏସ୍‌ର ପ୍ରଶାନ୍ତ ବେହେରା, ବିଏମ୍‌ଏସ୍ ଆରଆଇକେକେଏସ୍‌ର ହିମାଂଶୁ ବଳ, ସିଟୁର ବସନ୍ତ ନାୟକଙ୍କ ସମେତ ୧୭ଟି ଶ୍ରମ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଶନିବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଏବଂ ବାଲାଟ ତଥା ନିର୍ବାଚନୀ ଚିହ୍ନ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧନା



ବୈଠକରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଅନ୍ୟମାନେ।

**ରାଉରକେଲା,୨୪।୧୦(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଚ୍ୟାମ୍ବର ଅଫ୍ କମର୍ସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚ୍ୟାମ୍ବର ଅଫ୍ କମର୍ସର ନୂତନ ସଭାପତି ପ୍ରଭାତ କୁମାର ଟେବ୍ରିବାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁଷ୍ପଗୁଚ୍ଛ ଦେଇ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କୁ ସ୍ୱାଗତ କରାଯାଇଥିଲା। ଚ୍ୟାମ୍ବର ଅଫ୍ କମର୍ସ ଉପସଭାପତି ସନ୍ତୋଷ ଅଗ୍ରୱାଲ, ବିଶ୍ୱନାଥ ଡେ ସିଂ, ସାଧାରଣ ସମ୍ପାଦକ ଶୁଭମ କପୁର, ବିତ୍ତୀୟ ସମ୍ପାଦକ ମନୀଷ ମୋଦୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଚ୍ୟାମ୍ବର ଅଫ୍ କମର୍ସର ବିବରଣୀ ଉପସ୍ଥାପନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଓରାମ ଚ୍ୟାମ୍ବର ଅଫ କମର୍ସର କାର୍ଯ୍ୟ ବିବରଣୀ ନେଇ ଖୁସିବ୍ୟକ୍ତ କରିଥିଲେ। ଜିଲା ଓ ସହରର ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବିକାଶ ପାଇଁ ଚ୍ୟାମ୍ବର ଅଫ୍ କମର୍ସକୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ଏଥିସହ ଚ୍ୟାମ୍ବର ଅଫ କମର୍ସ ଦିଲ୍ଲୀ ନେତୃମଣ୍ଡଳୀକୁ ପୂର୍ଣ୍ଣ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଚ୍ୟାମ୍ବର ଅଫ କମର୍ସ ରାଉରକେଲାର ୫୦ଜଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାପତି ପ୍ରଭାତ କୁମାର ଟେବ୍ରିବାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ଭେଟିଲା କଂଗ୍ରେସ

**ରାଉରକେଲା,୨୪।୧୦(ସଙ୍ଗୀତା ଜେନା)**

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)କୁ ଆସୁଥିବା ଗୁରୁତର ରୋଗୀମାନଙ୍କୁ ଉଚିତ ଚିକିତ୍ସା ସେବା ଯୋଗାଇବା ଏବଂ ସରକାର ପ୍ରଦତ୍ତ ସ୍ୱାସ୍ଥ୍ୟକାର୍ଡ ଗୁଡ଼ିକର ସୁବିଧା ଯେଉଁ ହସ୍ପିଟାଲରେ ରହିଛି ସେଠାକୁ ରୋଗୀଙ୍କୁ ରେଫର କରିବାକୁ ରାଉରକେଲା କଂଗ୍ରେସ ଦାବି କରିଛି। ସେହିପରି ଆରଜିଏଚ୍‌ର ଉନ୍ନତୀକରଣ ପାଇଁ ୬୬୦ କୋଟି ପାଣ୍ଠି ଆସିଥିଲା। ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନକୁ ସେହି କାର୍ଯ୍ୟ



ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରାଯାଉଛି।

ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଆରଜିଏଚ୍‌କୁ ସୁପରିଚାଳନା, ନିର୍ଦ୍ଦେଶକଙ୍କ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ଆଦି ୫ ଦଫା ଦାବିରେ ବୁଧବାର କଂଗ୍ରେସ ପ୍ରତିନିଧି ଦଳ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡା. ମନୋଜ ଉପାଧ୍ୟାୟଙ୍କୁ ଭେଟିଥିଲେ। ଡିସିସି ସଭାପତି ରବି ରାୟଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦେବବ୍ରତ ବିହାରୀ, ସାବିର ହୁସେନ୍, ଗଣେଶ ପ୍ରଧାନ, ଏସ୍. ଅଶୋକ କୁମାର, ଆଶିଷ ମହାନ୍ତି, ସରୋଜ ଲେଙ୍କା, ତୁଷାରକାନ୍ତ ଧଳ, ମାନୁ ସାମଲ, ପ୍ରଫୁଲ ପ୍ରଧାନ, ବନମାଳି ବିଶୋୟୀ, ତ୍ରୈଲୋଚନ ସାହୁ, ବ୍ରଜ ତ୍ରିପାଠୀ, ଦିବାକର ଦୀପ, ରମେଶ ଗୁପ୍ତା, ବିଶ୍ୱନାଥ ବାରିକ, ଶ୍ୟାମ ସାଗର, ସର୍ବେଶ ସିଂହଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଟିଆଇଏଫ୍ଆର ସମ୍ପର୍କରେ ଆଲୋଚନାଚକ୍ର

**ରାଉରକେଲା,୨୪।୧୦(ଦିନେଶ ମିଶ୍ର)**

ପାନପୋଷ ସ୍ଥିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଙ୍କ ଦ୍ୱାରା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ଅର୍ଗାନାଇଜେଶନ (ଟିଆଇଏଫ୍ଆର) ଉପରେ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଛାତ୍ର ଜନ୍ମେଜୟ ପଣ୍ଡା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଜନ୍ମେଜୟ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନ ହାଇଦ୍ରାବାଦର ଜଣେ ଗବେଷଣାରତ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ସେଠୀ, ବିଭାଗୀୟ ମୁଖ୍ୟ ଡ. ଅନ୍ନପୂର୍ଣ୍ଣା ମହନ୍ତ, ଡ. ବିଶ୍ୱନାଥ ପରିଜା, ଡ. ନିରଞ୍ଜନ ସାହୁ, ଡ. ଶୁଭଜ୍ୟୋତି ମହାପାତ୍ର, ଡ. ସତ୍ୟବ୍ରତ ଶତପଥୀ, ଡ. ରଞ୍ଜନରାଣୀ ଦାସ, ଅଶୋକ ମିଞ୍ଜ, ସନ୍ତୋଷିନୀ ପାତ୍ର, ଅଭିଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଟିଆଇଏଫ୍ଆରେ ଗବେଷଣା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ସହଯୋଗ କରିବା ଲାଗି ସେ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ର ଆଦିତ୍ୟ କୁମାର ଧନ୍ୟବାଦ ଦେଇଥିଲେ।

# ଖଣ୍ଡାୟତ କ୍ଷତ୍ରିୟ ମହାସଭାର ସମୀକ୍ଷା ବୈଠକ

**ରାଉରକେଲା,୨୪।୧୦(ଦିନେଶ ମିଶ୍ର)**

ସେକ୍ଟର-୩ ସ୍ଥିତ ଖଡ୍ଗ ଭବନ ପରିସରରେ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ସମୀକ୍ଷା ବୈଠକ ଉପଦେଷ୍ଟା ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଷତ୍ରିୟ ମହାସଭାର କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟବ୍ୟୟର ବିବରଣୀ ଉପରେ ଆଲୋଚନା କରିଥିଲେ। ବିଗତ ଦିନରେ ପୂଜା ଓ ଖଡ୍ଗ ଶୋଭାଯାତ୍ରାରେ ଆୟବ୍ୟୟ, ଜୋନାଲ ମୁଖ୍ୟମାନଙ୍କୁ ଅଧିକ ସକ୍ରିୟ କରିବା ସହ ନୂତନ ସଭ୍ୟମାନଙ୍କୁ ମହାସଭାର ହ୍ୱାଟ୍ସଆପ୍ ଗ୍ରୁପରେ ସାମିଲ କରାଯାଇଥିଲା। ଏଥିସହ ଖଡ୍ଗ ଶୋଭାଯାତ୍ରାରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ଶଶଧର ପାତ୍ର, ଗଙ୍ଗାଧର ନାୟକ, ଚାନ୍ଦମଣୀ ବେହୁରା, ଜୟନ୍ତୀ ଦାଶ, ଶମ୍ଭୁନାଥ ପରିଡା, ରବିନ୍ଦ୍ର ପ୍ରଧାନ, ଉଗ୍ରସେନ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ନାରାୟଣ ମହାଳିକ, ସୁଦର୍ଶନ ସାମଲ, କିଶୋର ନାୟକ, ରବିନାରାୟଣ ପରିଡା, ଭାନୁ ପ୍ରତାପ ପ୍ରଧାନ, ସୁବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

# ଆହାର ଥାଳିରେ ଦିଶୁନି ପରିବା

**ରାଉରକେଲା,୨୪।୧୦(ଦିନେଶ ମିଶ୍ର)**

ପରିବା ଦର ଆକାଶ ଛୁଆଁ ଯୋଗୁ ଆହାର ଥାଳିରେ ଦିଶୁନି ପରିବା। ଏଭଳି ଅଭିଯୋଗ ରାଉରକେଲା ସହରରେ ଥିବା ୬ଟି ଆହାର କେନ୍ଦ୍ରରେ ପ୍ରତିଦିନ ଖାଦ୍ୟ ଖାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି।

୨୦୧୫ ଏପ୍ରିଲ ୧ ତାରିଖରେ ରାଜ୍ୟର ୫ଟି ମହାନଗର ନିଗମ ଅଞ୍ଚଳରେ ଆହାର କେନ୍ଦ୍ର ଖୋଲାଯାଇଥିଲା। ମାତ୍ର ୫ଟଙ୍କାରେ କିଭଳି ଜନସାଧାରଣଙ୍କୁ ଭାତ ଡାଲମା ମିଳିପାରିବ ସେ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ଷ୍ଟିଲସିଟି ରାଉରକେଲାରେ ସେକ୍ଟର-୨ ନମ୍ବର ବସ୍‌ଷ୍ଟାଣ୍ଡ, ଆରଜିଏଚ୍ ପରିସର, ପାୱାରହାଉସ୍ ରୋଡ୍ ପାର୍କିଂ ଅଞ୍ଚଳ, ଆଇଜିଏଚ୍, ରାଉରକେଲା ବସ୍‌ଷ୍ଟାଣ୍ଡ ଓ ବେଦବ୍ୟାସ ମନ୍ଦିର ରୋଡ୍ ଅଞ୍ଚଳରେ ଏହି ଆହାର କେନ୍ଦ୍ର ଖୋଲା ଯାଇଥିଲା। ଏହି କେନ୍ଦ୍ରକୁ ତଦାରଖ କରିବା ପାଇଁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହି ସମୟରେ ବିଭିନ୍ନ ଆହାର କେନ୍ଦ୍ରରେ ଲୋକଙ୍କ ପାଇଁ ଭାତ, ଡାଲମା ପହଞ୍ଚାଇବା ଲାଗି ଏକ ସଂସ୍ଥାକୁ ଆରଏମ୍‌ସି ପକ୍ଷରୁ ଥାଳି ପିଛା ୧୮ ଟଙ୍କା ଓ ଲୋକେ ଦେଉଥିବା ୫ଟଙ୍କାକୁ ମିଶାଇ ୨୩ ଟଙ୍କା ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା। ଉକ୍ତ ସଂସ୍ଥା ପ୍ରଥମେ ମାତ୍ର ୫ଟଙ୍କାରେ ଲୋକଙ୍କୁ ଭାତ ସାଙ୍ଗକୁ ଡାଲମାରେ ୯ ପ୍ରକାର ପନିପରିବା ପକାଇ ବେଶ୍ ପ୍ରଶଂସା ସାଉଁଟିଥିଲା। ଫଳରେ ସହରର ସମସ୍ତ ୬ଟି ଆହାର କେନ୍ଦ୍ରରେ ପ୍ରତିଦିନ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ଆହାର କେନ୍ଦ୍ରରେ ଲୋକେ ଭୋଜନ କରୁଛନ୍ତି।

ମାତ୍ର ୨୦୨୨ରେ ସରକାର ଆହାର ଯୋଜନାକୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ହାତରେ ଟେକି ଦେଇଥିଲେ। ଫଳରେ ରାଉରକେଲାର କୋଏଲନଗରେ ଥିବା ଏକ ଏସ୍‌ଏଚ୍‌ଜି ଏହି ଆହାରକେନ୍ଦ୍ରର ଖାଦ୍ୟ ବିତରଣ ଦାୟିତ୍ୱ ନେଇଥିଲା। ବର୍ତ୍ତମାନ ଲୋକମାନଙ୍କୁ ଦିଆଯାଉଥିବା ଖାଦ୍ୟରେ ଡାଲମାରେ ପନିପରିବା ରହୁ ନ ଥିବା ଅଭିଯୋଗ ହୋଇଛି। ଆହାର ଥାଳିରେ ପୂର୍ବରୁ ମିଳୁଥିବା ଡାଲମାରେ ୯ ପ୍ରକାର ପରିବା ପଡୁଥିବାବେଳେ ବର୍ତ୍ତମାନ କେବଳ କଖାରୁ, ଅମୃତଭଣ୍ଡା ଓ ଛୋଟ ଆଳୁ ପଡୁଛି। ବର୍ତ୍ତମାନ ପରିବା ଦର ଆକାଶଛୁଆଁ ଯୋଗୁ ଏଭଳି ପରିସ୍ଥିତି ହୋଇଥିବା ପାୱାରହାଉସ୍ ରୋଡ୍ ଆହାର

**ନିମ୍ନମାନର ଡାଲମାକୁ ନେଇ ଅସନ୍ତୋଷ**

କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଜାଗୃତି ଏସ୍‌ଏଚ୍‌ଜିର ସଭାପତି ଅଞ୍ଜନା ମଣ୍ଡଳ କହିଛନ୍ତି। ସେହିପରି ଆରଜିଏଚ୍ ପରିସରସ୍ଥ ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ବାବା ସମ୍ପେଶ୍ୱର ଏସ୍‌ଏଚ୍‌ଜିର ସଭାପତି ସୁନିତା ବେହେରା କହିଛନ୍ତି, ପୂର୍ବରୁ ପରିବା ଦର କମ୍ ଥିବାବେଳେ ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଛି। ଆଳୁ କିଲୋ ପିଛା ୪୮ ଟଙ୍କା ଏବଂ ବିଭିନ୍ନ ପନିପରିବା ଦର ବଢ଼ିବା ସତ୍ତ୍ୱେ ଆମେ ଲୋକଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେବା ଲାଗି ଉଦ୍ୟମ ଜାରି ରଖିଛୁ। ସେହିପରି ରାଉରକେଲାର ୬ଟି ଆହାରକେନ୍ଦ୍ରରେ ଖାଦ୍ୟ ଯୋଗାଇଦେବା ପାଇଁ ଦାୟିତ୍ୱ ନେଇଥିବା ଜ୍ୟୋତି ଏସଏଚ୍‌ଜିର ସଭାପତି ଆଲିସା ପାନ୍ନାଙ୍କୁ ପଚାରିବାରୁ ସେ କହିଥିଲେ, ଯେତେବେଳେ ଆମେ ଏହି ଦାୟିତ୍ୱ ନେଇଥିଲୁ ସେତେବେଳେ ଚାଉଳ କିଲୋ ପ୍ରତି ୨୫ରୁ ୩୦ ଟଙ୍କା ଥିବାବେଳେ ଏହା ବର୍ତ୍ତମାନ ୪୫ ଟଙ୍କା ହୋଇଯାଇଛି। ସେହିପରି ହରଡ ଡାଲି କିଲୋ ପିଛା ୧୭୦ ଟଙ୍କା ଥିବାବେଳେ କଖାରୁ କିଲୋ ୪୦ ଟଙ୍କା, ବାଇଗଣ କିଲୋ ୮୦ ଟଙ୍କା, ଗାଜର କିଲୋ ୫୦ ଟଙ୍କା, କଞ୍ଚା କଦଳୀ କିଲୋ ୮୦ ଟଙ୍କା , ମାଟିଆଳୁ କିଲୋ ୧୩୦ ଟଙ୍କା ରହିଛି। ମାର୍କେଟରେ ବର୍ତ୍ତମାନ ନିତ୍ୟ ସାମଗ୍ରୀ ଦର ଅଧିକ ଯୋଗୁ ୨୩ ଟଙ୍କାରେ ଗୋଟିଏ ଥାଳି ଯୋଗାଇବା ଅସମ୍ଭବ ହୋଇପଡୁଛି। ଏଥିସହ ଗ୍ୟାସ, ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ପାଇଁ ଖର୍ଚ୍ଚ ରହିଛି। ଏ ନେଇ ଆମେ ବିଭାଗୀୟ ଅଧିକାରୀଙ୍କୁ କହିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ପାନ୍ନା କହିଥିଲେ। ଏ ସମ୍ପର୍କରେ ଆରଏମ୍‌ସିର ଏନ୍‌ୟୁଏଲଏମ୍ ବିଭାଗ ଅଧିକାରୀ ପ୍ରିୟବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ବଜାର ଦର ବୃଦ୍ଧି ସତ୍ତ୍ୱେ ଲୋକଙ୍କୁ କିଭଳି ସୁଷମଖାଦ୍ୟ ଯୋଗାଇ ଦିଆଯିବ ସେଥିପ୍ରତି ଆମେ ବିଭିନ୍ନ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରୁଛୁ। ଆଗାମୀ ଦୁଇ ସପ୍ତାହ ଭିତରେ ଜନସାଧାରଣଙ୍କ ପକ୍ଷରୁ ହୋଇଥିବା ଅଭିଯୋଗର ସମାଧାନ କରିବୁ ବୋଲି ମହାପାତ୍ର କହିଥିଲେ।

# ନିର୍ମାଣ ହେବ ବହୁମୁଖୀ ପ୍ରେକ୍ଷାଳୟ

ସମ୍ବଲପୁର,୨୪।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଜେଲ ଛକ ନିକଟରେ ପ୍ରସ୍ତାବିତ ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ ନେଇ ଗୁରୁବାର ମହାନଗର ନିଗମ କମିଶନର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିଦର୍ଶନ କରିଛନ୍ତି। ପାଞ୍ଚଶହ ଆସନ କ୍ଷମତା ବିଶିଷ୍ଟ ଏହି ବହୁମୁଖୀ ପ୍ରେକ୍ଷାଳୟର ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଛି। ୨ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରେକ୍ଷାଳୟ ପାଇଁ ପୂର୍ବରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ୪୦ ଡେସିମିଲ ସ୍ଥାନ ଚିହ୍ନଟ କରାଯାଇଥିଲା। ହେଲେ ଜବରଦଖଲ ଏବଂ ଅନ୍ୟାନ୍ୟ କାରଣରୁ ଠିକା ପାଇଥିବା ସଂସ୍ଥା କାମ ଆରମ୍ଭ କରିପାରି ନ ଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବହୁମୁଖୀ



ସମ୍ବଲପୁରୀ ଡେରାରେ ପ୍ରସ୍ତାବିତ ବହୁମୁଖୀ ପ୍ରେକ୍ଷାଳୟର ଫଳକ।

ପ୍ରେକ୍ଷାଳୟ ଶୀଘ୍ର ଆରମ୍ଭ କରିବା ନେଇ ମହାନଗର ନିଗମ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଥିଲା। ଏହା ପରେ ସମ୍ବଲପୁର ମହାନଗର କମିଶନର ବେଦଭୁଷଣ ଗୁରୁବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା

**■ ୫୦୦ ଆସନ ବିଶିଷ୍ଟ ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ**

**■ ପ୍ରେକ୍ଷାଳୟ ପାଇଁ ଖର୍ଚ୍ଚ ହେବ ୨ କୋଟି ୯୯ ଲକ୍ଷ**

ପରିଦର୍ଶନ କରି ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସ୍ମୃତି ମଞ୍ଚ ବୁଲି ଦେଖିବା ସହ ବହୁମୂଖୀ ପ୍ରେକ୍ଷାଳୟ ନିମାଣ ପାଇଁ ସ୍ଥାନ ଚିହ୍ନଟ କରିଥିଲେ। ଏହି ଅବସରରେ ସମ୍ବଲପୁର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ମହାନ୍ତୀ, ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ରାଜକୁମାର ମେହେର, ମହାନଗର ନିଗମର ଯନ୍ତ୍ରୀ ପଦ୍ମିନୀ ମେହେର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ମହାନଗର ନିଗମ ପକ୍ଷରୁ ସ୍ଥାନ ଚିହ୍ନଟ କରି ଆରଡି ବିଭାଗକୁ କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶିତ କରାଯାଇଥିଲା। ତେବେ ଠିକା ପାଇଥିବା ସଂସ୍ଥା କାମ ଆରମ୍ଭ କରିବା ପୁର୍ବରୁ ପ୍ରସ୍ତାବିତ ସ୍ଥାନରୁ ଜବରଦଖଲ ହଟାଇବାକୁ ମହାନଗର କମିଶନରଙ୍କୁ ଅନୁରୋଧ କରିଥିଲେ। ଖୁବଶିଘ୍ର ସମ୍ବଲପୁରୀ ଡେରା ଭିତରୁ ଜବରଦଖଲ ଉଚ୍ଛେଦ କରାଯିବା ନେଇ ମହାନଗର କମିଶନର ପ୍ରତିଶ୍ରୁତି ଦେଇଥିବା ବେଳେ ଅଞ୍ଚଳକୁ ସମ୍ବଲପୁରୀ ସଂସ୍କୃତିର ପ୍ରଦର୍ଶନ ପାଇଁ ବିକଶିତ କରାଯିବ ବୋଲି ମହାନଗର କମିଶନର କହିଥିଲେ। ଏହି ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ ହେଲେ ସମ୍ବଲପୁରୀ କାର୍ଯ୍ୟକ୍ରମ ଆୟୋଜନ ନେଇ ସୁବିଧା ହେବ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ଆଶା ପ୍ରକଟ କରିଛନ୍ତି।

# ସମ୍ବଲପୁରର କନ୍ୟା ମିସ୍ ଇଣ୍ଡିଆ ନୟନତାରା କିଡ୍ସ ବିଜେତା



ମିସ୍ ଇଣ୍ଡିଆ ନୟନତାରା କିଡ୍ସ ବିଜେତା ତାଷଭିଙ୍କୁ ଉଡ଼ାନର ନିର୍ଦ୍ଦେଶିକା ଓ ପ୍ରତିଷ୍ଠାତା ସମ୍ବର୍ଦ୍ଧନା ଜଣାଉଛନ୍ତି।

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

ସମ୍ବଲପୁରର କନ୍ୟା ତାଷଭି ପ୍ରଧାନ ମିସ୍ ଇଣ୍ଡିଆ ନୟନତାରା କିଡ୍ସ ବିଜେତା ହୋଇ ସମ୍ବଲପୁର ପାଇଁ ଗୌରବ ଆଣି ଦେଇଛନ୍ତି। ଭୁବନେଶ୍ୱର ଠାରେ ଗ୍ଲୋବାଲ ଡ୍ୟାନ୍ସ ଆଇକନ୍ ଶାଶ୍ୱତ ଯୋଶୀଙ୍କ ଦ୍ୱାରା ଆୟୋଜିତ ମିସ୍ ଇଣ୍ଡିଆ ନୟନତାରା ପ୍ରତିଯୋଗିତାର ଶିଶୁ ବର୍ଗରେ ମୋଟ ୪୫୦ ପ୍ରତିଯୋଗୀଙ୍କ ମଧ୍ୟରୁ ତାଷଭିଙ୍କୁ ମିଶାଇ ୨୦ ଜଣ ଶିଶୁ ଗ୍ରାଣ୍ଡ ଫିନାଲେକୁ ଉନ୍ନୀତ ହୋଇଥିଲେ। ଶେଷରେ ତାଷଭି ସମସ୍ତଙ୍କୁ ପଛରେ ପକାଇ ମିସ୍ ଇଣ୍ଡିଆ ନୟନତାରା କିଡ୍ସ କ୍ରାଉନ୍ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଏହି ସଫଳତା

**ଦିଲ୍ଲୀ ଟାଇମ୍ସରେ ଭାଗ ନେବାକୁ ଯୋଗ୍ୟ ବିବେଚିତ**

ହସଲ ପରେ ସେ ଆଗାମୀ ଦିନରେ ନୂଆଦିଲ୍ଲୀରେ ହେବାକୁ ଥିବା ଦିଲ୍ଲୀଟାଇମ୍ସ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ସାଂସ୍କୃତିକ ଅନୁଷ୍ଠାନ ଉଡ଼ାନର ଛାତ୍ରୀ ଭାବେ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ଗୁରୁବାର ଉଡ଼ାନର ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଓ ପ୍ରତିଷ୍ଠାତା ରମେଶ ସାହାଙ୍କ ପକ୍ଷରୁ ତାଷଭିଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କମନା କରାଯାଇଛି।

# ୧୨ ଆଶାକର୍ମୀ ସମ୍ମାନିତ

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

**ବିଶ୍ୱ ପୋଲିଓ ଦିବସରେ ଆଶାକର୍ମୀଙ୍କୁ ସମ୍ମାନିତ କଲା ରୋଟାରି କ୍ଲବ**

ସମାଜକୁ ପୋଲିଓ ମୁକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଗୁରୁବାର ବିଶ୍ୱ ପୋଲିଓ ଦିବସ ଅବସରରେ ସମ୍ବଲପୁର ରୋଟାରି କ୍ଲବ, ଗ୍ରେଟର ପକ୍ଷରୁ ଆଶାକର୍ମୀମାନଙ୍କୁ ସମ୍ମାନିତ କରାଯାଇଛି। ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୧୨ଜଣ ଉତ୍ସର୍ଗୀକୃତ ଆଶାକର୍ମୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରିଛି ରୋଟାରି କ୍ଲବ। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀଟକିଜ ଛକରେ ଗୁରୁବାର ରୋଟାରି କ୍ଲବ ପୂର୍ବତନ ସଭାପତି ପରଭେଜ୍ ଅଲ୍ଲୀ ଖାନଙ୍କ ଅଧ୍ୟକ୍ଷତାରେ ରୋଟାରି କ୍ଲବ ସମ୍ବଲପୁର, ଗ୍ରେଟର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସ୍ତରରେ ତୃଣମୂଳ ସ୍ତରରୁ ପୋଲିଓ ଦୂରୀକରଣ କ୍ଷେତ୍ରରେ ରୋଟାରି କ୍ଲବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ତେବେ ଏଦିଗରେ ଆଶାକର୍ମୀଙ୍କ ଅଦମ୍ୟ ପ୍ରତିବଦ୍ଧତା ଓ ସାମୂହିକ ପ୍ରୟାସ ଆଜି ଭାରତ ଏକ ପୋଲିଓ ମୁକ୍ତ ରାଷ୍ଟ୍ରରେ ପରିଣତ ହୋଇପାରିଛି। ଆଶାକର୍ମୀଙ୍କୁ ଏଭଳି ସମ୍ମାନ ସେମାନଙ୍କୁ ଶିଶୁ ତଥା ଆଗାମୀପିଢ଼ୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉତ୍ସାହିତ କରିବ ବୋଲି କ୍ଲବର ପୂର୍ବତନ ଅଧ୍ୟକ୍ଷ ଖାନ କହିଛନ୍ତି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ବିଲାଲ ମଲ୍ଲିକ, ସଚିବ ସୁମିତ ନାୟକ, ଜିଜି ଜୋସେଫ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଗୀତାମ ସିଂ, ଅଞ୍ଜୁ ଶର୍ମା, ଉମେଶ ଶର୍ମା, ଉର୍ମିଳା ବେହେରା ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ଏସ୍‌ପିଙ୍କ ସହ ବିଜେଡି ପ୍ରତିନିଧିଙ୍କ ଆଲୋଚନା


କୁଚିଣ୍ଡା ଗଣବଳତ୍କାର ମାମଲାରେ ଆଲୋଚନା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବିଜେଡି ପ୍ରତିନିଧି।

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

**କୁଚିଣ୍ଡା ଗଣବଳାତ୍କାର ମାମଲା**

ସମ୍ବଲପୁର ଜିଲା କୁଚିଣ୍ଡା ନାବାଳିକା ଗଣବଳାତ୍କାର ମାମଲାରେ ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧି ଦଳ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ମୁକେଶ ଭାମୁଙ୍କ ସହ ଆଲୋଚନା କରିଛନ୍ତି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ, କିଶୋର ନାୟକ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ବିଜେଡ଼ି ପୂର୍ବତନ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ବିଜେଡି କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ପୂର୍ବତନ ବିଜେଡି ନଗର ସଭାପତି ସଞ୍ଜୟ ବେହେରା, ଜିଲା ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ଶୁକ୍ଲା, ଜିଲା ଯୁବ ବିଜେଡି ଉପସଭାପତି ସୁମିତ ପଟେଲ ପ୍ରମୁଖ ସମ୍ବଲପୁର ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ଭାମୁଙ୍କୁ ସାକ୍ଷାତ କରି ପୀଡିତା ନାବାଳିକାଙ୍କୁ ପୋଲିସ ସୁରକ୍ଷା ବ୍ୟବସ୍ଥା, ବଳାତ୍କାର ଘଟଣାର ନିରପେକ୍ଷ ତଦନ୍ତ, ପୀଡିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ତଥା ଥାଇଥାନ ପାଇଁ ଦାବି କରିଥିଲେ। ସେହିପରି ଉକ୍ତ ଘଟଣାର ତଦନ୍ତରେ ବାଧା ସୃଷ୍ଟି କରି ତଦନ୍ତ ପ୍ରକ୍ରିୟାକୁ ବିଳମ୍ବ କରିବା ଚକ୍ରାନ୍ତରେ ଲିପ୍ତ କୁଚିଣ୍ଡା ଥାନାର ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିଜେଡି ପ୍ରତିନିଧିମାନେ ଦାବି କରିଥିଲେ। ବିଜେଡି ପ୍ରତିନିଧି ଦଳରେ ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ସମ୍ପାଦକ ହରିଶ ସାହୁ, ଛାତ୍ର ବିଜେଡିର ସପନ ହୋତା ପ୍ରମୁଖ ସାମିଲ ହୋଇଥିଲେ।

# ସାପ୍ତାହିକ ଶ୍ରୀମଦ୍ ଭାଗବତ ପାରାୟଣ ଉଦଯାପିତ

ସମ୍ବଲପୁର,୨୪।୧୦(ଭବାନୀ ଶଙ୍କର ଭୋଇ)

ପାର୍ବତୀ ଗିରି ରେଡକ୍ରସ ମାତୃଭବନ ମହୁଲପାଲି ଫୁଲଝରଣ ଠାରେ ଚାଲିଥିବା ସାପ୍ତାହିକ ଶ୍ରୀମଦ ଭାଗବତ ପାରାୟଣ ଗୁରୁବାର ଉଦଯାପିତ ହୋଇଯାଇଛି। ସମ୍ବଲପୁର ରେଡକ୍ରସ ସୋସାଇଟି ଦ୍ୱାରା ପରିଚାଳିତ ମାତୃଭବନରେ ରହୁଥିବା ବୃଦ୍ଧା ମା'ମାନଙ୍କ ପାଇଁ ପିବତ୍ର କାର୍ତ୍ତିକ ମାସରେ ଏହି ଶ୍ରୀମଦ ଭାଗବତ ପାରାୟଣ ଆୟୋଜନ କରାଯାଇଥିଲା। ପଣ୍ଡିତ ସୁରେନ୍ଦ୍ର କୁମାର ପଣ୍ଡା ଏଥିରେ ବକ୍ତା ଭାବରେ ଯୋଗଦେଇ ଭାଗବତ ପାରାୟଣ ପାଠ କରାଯାଇଥିଲା। ଏଥିରେ କର୍ତ୍ତା ଭାବରେ ପାର୍ବତୀ ଗିରି ରେଡକ୍ରସ ମାତୃଭବନର ପରିଚାଳକ କୃଳଧର ପ୍ରଧାନ ଏବଂ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ରେଡ଼କ୍ରସ ସୋସାଇଟିର କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା ମଧ୍ୟ ଯୋଗଦାନ କରିଥିଲେ। ଭାଗବତ ପାରାୟଣ ଆୟୋଜନରେ ମାତୃଭବନର ପରିଚାଳକ କ୍ଷିରୋଦ ଚନ୍ଦ୍ର ଓଝା, ଅରବିନ୍ଦ



ପଣ୍ଡିତ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ଭାଗବତ ପାରାୟଣ ପାଠ କରାଯାଉଛି।

ପାଣିଗ୍ରାହୀ, ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ବଲ୍ଲଭୀ ପ୍ରଧାନ, ପୁଷ୍ପବତୀ କଲେତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, ଚଳିତ ମାସ ୧୮ ତାରିଖରୁ ଏହି ଶ୍ରୀମଦ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

# ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୪।୧୦(ବି.ଶଙ୍କର)

୨୭ତମ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ ଗୁରୁବାର ରାତିରେ ଯୁବ ଉଦୟନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ନିମନ୍ତେ କ୍ରମାଗତ ଭାବେ ପୂର୍ବ ନିର୍ଦ୍ଧାରିତ ତାରିଖ ଡିସେମ୍ବର ୨୪ ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ଏଥି ନିମନ୍ତେ ବିଭିନ୍ନ ନାଟ୍ୟାନୁଷ୍ଠାନଗୁଡିକ ସହ ଯୋଗାଯୋଗ ସ୍ଥାପନ ସକାଶେ ଆଲୋଚନା କରାଯାଇଥିଲା। ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବୈଠକରେ ଯୁବ ଉଦୟନର କର୍ମକର୍ତ୍ତା ଓ ବହୁ ସଭ୍ୟ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ: ସେଣ୍ଟ ଯୋଶେଫ, ଜିଲା ସ୍କୁଲ ବିଜୟୀ

ସମ୍ବଲପୁର,୨୪।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ଏବଂ ଚନ୍ଦ୍ର ଶେଖର ବେହେରା ଜିଲାସ୍କୁଲ ଦଳ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କାଇଁଶିର ଖେଳ ପଡିଆଠାରେ ପ୍ରଥମ ମ୍ୟାଚ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ବନାମ ଗୁରୁନାନକ ବ୍ଲିକ ସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା। ଏଥିରେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଖେଳାଳି ଅବଦୁଲ ଉମର ୧ଟି ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚଟି ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ବନାମ ସେଣକଟ ଜୋନ୍ସ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ଚନ୍ଦ୍ର ଶେଖର ବେହେରା ଜିଲାସ୍କୁଲ ୩-୦ ଗୋଲରେ ବିଜୟୀ ଥିଲା। ଦଳର ଖେଳାଳି ରିଚାର୍ଡ ବାରା, ଦେବାଶିଷ ମୁଣ୍ଡା, ମହମ୍ମଦ ଅବଦୁଲ ହୁସେନ ଗୋଟିଏ ଲେଖାଁ ଗୋଲ ସ୍କୋର କରିଥିଲେ। ମ୍ୟାଚକୁ ରେଫରୀ ଶାନ୍ତା ରଣବିଡା, ମନୋଜ ଭୋଇ, ଜଲେନ୍ଦ୍ର ଓରାମ, ଗଜେନ୍ଦ ଓରାମ, ମଥୁରା ଓରାମ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘର ସାଧରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ଗୋକୁଲ ଚନ୍ଦ୍ର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରାୟଣ ପଣ୍ଡା, ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ଇଂ ପ୍ରଦୀପ୍ତ କୁମାର ନାଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା

ସମ୍ବଲପୁର,୨୪।୧୦(ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଗୁରୁବାର ବରିଷ୍ଠ ନାଗରିକ ସଙ୍ଗଠନର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦୀପାବଳୀର ଅବ୍ୟବହିତ ପୂର୍ବରୁ ପ୍ରତିବର୍ଷ ପରି ଚଳିତବର୍ଷ ହୀରାକୁଦ ଅଞ୍ଚଳର ମହିଳାମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା କରାଯାଇଛି। ରଙ୍ଗୋଲି ହେଉଛି ଭାରତର ଏକ ପ୍ରାଚୀନ କଳା। ଉତ୍ସବ ପାଳନ କରିବା ପାଇଁ ଘର, ପ୍ରାଙ୍ଗଣ ଏବଂ କାନ୍ଥରେ ମଧ୍ୟ ଅଙ୍କା ଯାଇଥାଏ। ରଙ୍ଗୋଲି ଏକ ପରିବାରର ସୁଖ, ସକରାତ୍ମକତା ଏବଂ ଜୀବନ୍ତତାକୁ ପ୍ରତିପାଦିତ କରିଥାଏ। ଏଥିସହ ଧନ ଓ ଶୁଭଙ୍କର ଦେବୀ ଲକ୍ଷ୍ମୀଙ୍କୁ ସ୍ୱାଗତ କରିବାକୁ ଉଦ୍ଦିଷ୍ଟ। ଏହା ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ଅଟେ ବୋଲି ଅତିଥିମାନେ ମତବ୍ୟକ୍ତ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଦିବ୍ୟାଂଶି ମହିଳା କ୍ଲବର ବାଣିଶ୍ରୀ ସାହୁ, କିରଣ ସିଂ, ମୋନିକା ସିଂ, ମଧୁଲିତା ରାଠୋଡ଼, ଶୁଭାଙ୍ଗୀ ଚଣ୍ଡେଲ ଏବଂ ହିଣ୍ଡାଲକୋର ପାରିପାଶ୍ୱିକ ଉନ୍ନୟନ ବିଭାଗର ସୁକାନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଫଲସାକଣ୍ଟାର ଲିଲି ନାୟକ ପ୍ରଥମ ସ୍ଥାନ, ପଥର ଲାଇନର ମମତା ପରମାନିକ ଦ୍ୱିତୀୟ ସ୍ଥାନ ଏବଂ ମାଲୀପଡ଼ାର ପୂର୍ଣ୍ଣିମାମୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ କୁମାର ସାହୁ ପରିଚାଳନା କରିଥିଲେ।


ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ।

# ଘରେ ପଶି ଚୋରି ଘଟଣାରେ ଜଣେ ଗିରଫ

ସମ୍ବଲପୁର,୨୪।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ପାନିଆପଡ଼ାରେ ଘରେ ପଶି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ଅଇଁଠାପାଲି ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ସେହି ପଡ଼ାର ନିତ୍ୟାନନ୍ଦ ଖଡ଼ିଆ(୩୩)। ତାଙ୍କ ନିକଟରୁ ଚୋରି ସୁନାଗହଣାକୁ ମଧ୍ୟ ଉଦ୍ଧାର କରିଛି ପୋଲିସ। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ ଅଇଁଠାପାଲି ଥାନା ଅନ୍ତର୍ଗତ ପାନିଆପଡ଼ା ଅଞ୍ଚଳର ଅନ୍ତର୍ଯ୍ୟାମୀ ମିର୍ଦ୍ଧାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା, ରୂପା ସାମଗ୍ରୀ ସହିତ ନଗଦରାଶି ଚୋରି ହୋଇଯାଇଥିଲା। ଏହା ଜାଣିବା ପରେ ଗୃହକର୍ତ୍ତା ଅନ୍ତର୍ଯ୍ୟାମୀ ମିର୍ଦ୍ଧାଙ୍କ ଧର୍ମପତ୍ନୀ ସୁସ୍ମିତା ମିର୍ଦ୍ଧା ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଅନୁସାରେ ଘରକାମ ଚାଲିଥିବାରୁ ତାଙ୍କର ନିୟମିତ ଶୋଇବା କୋଠରୀକୁ ବାହାରୁ ବନ୍ଦ କରି ଅନ୍ୟ ଏକ କୋଠରୀରେ ସପରିବାର ଶୋଇଥିଲେ। ବିଳମ୍ବିତ ରାତିରେ ଉକ୍ତ କୋଠରୀରୁ ଚୋରି ହୋଇଥିଲା। ସକାଳେ ନିଦ୍ରୁ ଉଠି ଉକ୍ତ କୋଠରୀର କବାଟ ଖୋଲାଥିବା ଦେଖି


ପୋଲିସ ଦ୍ୱାରା ଉଦ୍ଧାର ସୁନାଗହଣା ସହ ଗିରଫ ଅଭିଯୁକ୍ତ।

**ଚୋରି ସୁନାଗହଣା ଉଦ୍ଧାର**

ମନରେ ତାଙ୍କର ସନ୍ଦେହ ହୋଇଥିଲା। ସେ ଯାଇ ତାଙ୍କ ଆଲମୀରାଟି ଖୋଲାଥିଲା ଓ ଏଥିରୁ ଦୁଇଟି ସୁନାହାର, ପାଞ୍ଚହଳ ସୁନା କାନଫୁଲ, ଦୁଇଟି ସୁନା ନାକଫୁଲ, ଦୁଇଟି ସୁନାମୁଦି, ଛଅଟି ସୁନା ଲକେଟ୍, କିଛି ରୂପା ଗହଣା, କିଛି ନଗଦ ଟଙ୍କା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏହା ସହ ବାହାରେ ଥିବା ତାଙ୍କର ଏକ ମୋବାଇଲ ଫୋନ ମଧ୍ୟ ଚୋରି ହୋଇଥିବା ନେଇ ସେ ତାଙ୍କ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲାକୁ ଆଧାର କରି ଅଇଁଠାପାଲି ଥାନାରେ ଏକ ମାମଲା (ନଂ. ୩୪୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତିକାଳରେ ଗ୍ରାମବାସୀଙ୍କୁ ପଚରା ଉଚରା କରିବା ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତି ଆଧାରରେ ଅନୁସନ୍ଧାନ କରି ପୋଲିସ ଅଭିଯୁକ୍ତ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତଙ୍କୁ ପ୍ରଥମେ ଥାନାକୁ ଆଣି ପୋଲିସ ଜେରା କରିଥିଲା। ଜେରାବେଳେ ଉକ୍ତ ଚୋରି ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ଅଭିଯୁକ୍ତ ସ୍ୱୀକାର କରିବା ପରେ ତାଙ୍କୁ ପୋଲିସ ଗିରଫ କରିଥିଲା। ଏହାବାଦ ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୋଲିସ ଚୋରି ସୁନା ଗହଣାରୁ କିଛି ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ଘରୋଇ ଅର୍ଥ ଲଗାଣ ସଂସ୍ଥାର ଅର୍ଥ ହଡ଼ପ, ଜଣେ ଗିରଫ



ବୌଦ୍ଧ,୨୪।୧୦(ଅଜିତ କୁମାର ବାରିକ)

ବୌଦ୍ଧରେ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର ଟଙ୍କା ହଡ଼ପ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନାର କନ୍ଦାଝୁରୀ ଗ୍ରାମର ମାନଭଞ୍ଜନ ତାଣ୍ଡି। ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥା ବୌଦ୍ଧ ଜିଲା ବୁଟୁପାଲିଦଠାରେ ଏକ ଶାଖା ଖୋଲି ବିଭିନ୍ନ ଗୋଷ୍ଠି ସଦସ୍ୟଙ୍କୁ ଟଙ୍କା ଦେଇ କାରବାର କରିଆସୁଥିଲା। ଏହି ସଂସ୍ଥାର ୩ଜଣ କର୍ମଚାରୀ ବିଭିନ୍ନ ଗୋଷ୍ଠୀର ସଦସ୍ୟାଙ୍କୁ ଠାରୁ ବିଭିନ୍ନ ସମୟରେ ସଂଗ୍ରହ କରିଥିବା ୨ ଲକ୍ଷ ୪୬ ହଜାର ୮୫୪ ଟଙ୍କା ହଡପ କରିଥିବା ନେଇ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଶମ୍ଭୁ ପ୍ରସାଦ ସେଠି ଗତ ୨୩ ତାରିଖରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା (ନଂ. ୩୮୨/୨୪)ରେ ରୁଜୁ କରି ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି।

### ପୋଲିସ ହେପାଜତରୁ ଅଭିଯୁକ୍ତ ଫେରାର୍

**ଚାପିବାକୁ ଚାଲିଛି ଉଦ୍ୟମ**

ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ସୋହେଲା ଥାନା ଅଞ୍ଚଳରେ ସଂଘଟିତ ଏକ ଲୁଟ ମାମଲାର ଜଣେ ଅଭିଯୁକ୍ତ ପୋଲିସ ହେପାଜତରେ ଥାଇ ଫେରାର୍ ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାକୁ ଖଣ୍ଡନ କରିଛି। ପଦ୍ମପୁର ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇଙ୍କୁ ପଚାରିବାରୁ ସେଭଳି କିଛି ଘଟି ନ ଥିବା ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଚାପିଦେବା ପାଇଁ ରାଜନୈତିକ ସ୍ତରରେ ପୋଲିସ ଉପରେ ଚାପ ପକାଯାଉଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର କନଗାଁସ୍ଥିତ ଏକ କ୍ରସର ମାଲିକଙ୍କଠାରୁ ବନ୍ଧୁକ ମୁନରେ ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ପାଇବା ପରେ ପୋଲିସ ୨ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ତେବେ ୨ଅଭିଯୁକ୍ତକୁ ଧରି ପୋଲିସ ବଲାଙ୍ଗୀର ଜିଲା ରାଜଆଗଲପୁରକୁ ଯାଉଥିବାବେଳେ ବାଟରେ ଗାଡିଟି ଫସି ଯାଇଥିଲା ଏବଂ ସେଠାରୁ ଜଣେ ଅଭିଯୁକ୍ତ ପୋଲିସ ହେପାଜତରେ ଥାଇ ଫେରାର୍ ହୋଇ ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି।

# ଅମଳ ଆରମ୍ଭରୁ ବାତ୍ୟା ଭୟ

ବରଗଡ଼,୨୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଜ୍ୟର କୃଷି ପ୍ରଧାନ ଜିଲା। ଅଧିକ ଧାନ ଉତ୍ପାଦନ ଯୋଗୁ ଏହି ଜିଲାକୁ ରାଜ୍ୟର ଭାତହାଣ୍ଡି ବୋଲି ମଧ୍ୟ କୁହାଯାଏ। ଧାନର ଅଭାବୀ ବିକ୍ରି ଏଠାରେ ସାଧାରଣରେ ପରିଣତ ହୋଇଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ପିଛା ଛାଡ଼ିନାହିଁ। କେତେବେଳେ ବର୍ଷାଭାବ ତ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଫସଲ ଉଜୁଡ଼ି ଯାଉଛି। ବର୍ତ୍ତମାନ ଜିଲାରେ ଧାନ ଅମଳ ଆରମ୍ଭ ହୋଇଥିବାବେଳେ ଚାଷୀଙ୍କୁ ବାତ୍ୟା ଭୟ ଘାରିଛି। ଗୁରୁବାର ଅପରାହ୍ନରୁ ଜିଲାର ବିଭିନ୍ନ ସ୍ଥାନରେ ସାମାନ୍ୟ ବର୍ଷା ହୋଇଥିବାବେଳେ ମେଘୁଆ ପାଗ ଲାଗି ରହିଛି। ତେବେ ଅଧିକ ବର୍ଷା କିମ୍ବା ଝଡ଼ବତାସ ହେଲେ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହେବେ। ଏହି ଆଶଙ୍କାରେ ବର୍ତ୍ତମାନ ଜିଲାର ଚାଷୀମାନେ ଅଛନ୍ତି।

ବରଗଡ଼ ଜିଲାରେ ସମୁଦାୟ ୩ଲକ୍ଷ ୪୮ହଜାର ୭୪୭ ହେକ୍ଟର ଚାଷୋପଯୋଗୀ ଜମି ରହିଛି। ସେଥିମଧ୍ୟରୁ ୧ଲକ୍ଷ ୮୩ହଜାର ୩୧୮ ହେକ୍ଟର ଉଚ୍ଚଜମି, ୮୯ହଜାର ୩୯୫ ହେକ୍ଟର ମଧ୍ୟମ ଧରଣ ଜମି ଏବଂ ୭୮ ହଜାର ୩୪ହେକ୍ଟର ନିମ୍ନଜମି (ବାହାଲ) ରହିଛି। ପ୍ରାୟ ୨ଲକ୍ଷ ୫୦ହଜାର ହେକ୍ଟର ଜମିରେ ଖରିଫ ଋତୁରେ ଧାନଚାଷ ହୋଇଥାଏ। ସେଥିରୁ ପ୍ରାୟ ୧ଲକ୍ଷ ୮୪ହଜାର ହେକ୍ଟର ଜଳସେଚିତ ହୋଇଥିବାବେଳେ ଅନ୍ୟ ଚାଷଜମି ଅଣଜଳସେଚିତ ଅଞ୍ଚଳର ଅଟେ। ତେବେ କେନାଲ ଜଳସେଚିତ ଅଞ୍ଚଳର ଚାଷୀମାନେ ଉଭୟ ରବି ଏବଂ ଖରିଫ ଫସଲ କରୁଥିବାବେଳେ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ କେବଳ ଖରିଫ୍ ଧାନ ଫସଲ କରିଥାନ୍ତି। ଏଥର ଅନ୍ୟବର୍ଷ ଅପେକ୍ଷା ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଫସଲ ଭଲ ହୋଇଥିବା ଚାଷୀମାନେ କହିଛନ୍ତି। ଧାନ ଅମଳ ଯେତିକି ପାଖେଇ ଆସିଛି, ଚାଷୀଙ୍କ ଫସଲକୁ ସେଭଳି ବିପଦ ମାଡ଼ି ଆସୁଛି। ଜିଲାର ଅନେକ ସ୍ଥାନର ଧାନ ଫସଲରେ ଚକଡ଼ା(ମାଟିଆ ଗୁଣ୍ଡି), ବଙ୍ଗି, କାଣ୍ଡବିନ୍ଧା ଆଦି ରୋଗପୋକ ଉପଦ୍ରବ ଦେଖାଯାଇଛି। ତାକୁ ନିୟନ୍ତ୍ରଣ କରିବା ପାଇଁ ଚାଷୀମାନେ ବିଭିନ୍ନ କୀଟନାଶକ ପ୍ରୟୋଗ କରୁଥିବାବେଳେ ଏବେ ଚାଷୀଙ୍କୁ ବାତ୍ୟା ଚିନ୍ତା ଘାରିଛି। ଜିଲାର ପଦ୍ମପୁର ଉପଖଣ୍ଡରେ ଅନେକ ଚାଷୀ ସ୍ୱଳ୍ପମିଆଦୀ ଧାନଚାଷ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କାର୍ଯ୍ୟ ମଧ୍ୟ ଆରମ୍ଭ କରି ଦେଇଛନ୍ତି। କିନ୍ତୁ ଗୁରୁବାର ଦେଖାଯାଇଥିବା ବର୍ଷାପାଗ ସେମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଝାରବନ୍ଧ ଅଞ୍ଚଳର ଜଣେ ଚାଷୀ ସଦାଶିବ ସାହୁ କହିଛନ୍ତି, ଏଥର ଧାନ ଭଲ ହୋଇଛି। ମାଲଜମି ଗୁଡ଼ିକରେ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଯଦି ବର୍ଷା ହେବ ତାହା ନଷ୍ଟ ହେବା ଆଶଙ୍କା ରହିଛି। ଅନ୍ୟ ଜଣେ ଚାଷୀ ଚକ୍ରଧର ସଗର କହିଛନ୍ତି, ମୁଁ ଜମିରେ ଧାନ ଅମଳ ଆରମ୍ଭ କରିଛି। ଅମଳ ଆରମ୍ଭରୁ ବର୍ଷାପାଗ ଦେଖି ଚିନ୍ତିତ ହୋଇପଡ଼ିଛି। ବର୍ଷା ହେଲେ ଅମଳ ଧାନକୁ କିଭଳି ସୁରକ୍ଷିତ ରଖିବି ତାହା ବର୍ତ୍ତମାନ ଚିନ୍ତାର ବିଷୟ ହୋଇଛି।



ବରଗଡ଼ ଜିଲା ଝାରବନ୍ଧରେ ଧାନ ଅମଳ କାର୍ଯ୍ୟ ଚାଲିଛି।



@ ରଶ୍ମି ରଞ୍ଜନ



@ ସିପୁନ



@ ଶ୍ରୀତମ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୁଚିଣ୍ଡା,୨୪।୧୦(ବିରଞ୍ଚି ଦର୍ଶା)

**ନାବାଳିକାଙ୍କୁ ଗଣବଳାତ୍କାର ଘଟଣା**

ସମ୍ବଲପୁର ଜିଲା କୁଚିଣ୍ଡାରେ ଜଣେ ୧୪ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଉକ୍ତ ଘଟଣାକୁ ନେଇ ରାଜନୀତି ତେଜୁଥିବା ଦେଖିବାକୁ ମିଳିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୁରୁବାର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ବ୍ଲକ ସଭାପତି ଦିଲୀପ ପଟେଲ ଓ ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାକୁ କଂଗ୍ରେସ କର୍ମୀମାନେ ଦୃଢ ନିନ୍ଦା କରି ଦାବିପତ୍ର ଦେଇଥିଲେ। ଗତ ୧୫ ତାରିଖରେ କୁଚିଣ୍ଡା ସହରର ପଞ୍ଚମୁଖି ଛକରେ କରମା ପୂଜା ଚାଲିଥିଲା। ବିଳମ୍ବିତ ରାତିରେ କରମାପୂଜା ଦେଖିବାକୁ ଆସିଥିବା ଜଣେ ଦଳିତ ନାବାଳିକାଙ୍କୁ କାହ୍ନା ଛତ୍ରିଆଙ୍କ ନେତୃତ୍ୱରେ ଉଠାଇନେଇ ୫ ଜଣ ଗଣବଳାତ୍କାର କରିଥିଲେ। ଯେହେତୁ ନାବାଳିକାଙ୍କୁ କାରରେ ଅପହରଣ କରି ବଳାତ୍କାର କରିବା ଘଟଣାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ପାଖଲୋକ କୁହାଯାଉଥିବା ହରିହର ପାଣି ସମ୍ପୃକ୍ତ ଥିବାରୁ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ନ ଥିଲା। କେବଳ ଅପହରଣ ଓ ଅସଦାଚରଣ ମାମଲା ରୁଜୁକରି ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ପରେ ପୀଡିତା ଓ ତାଙ୍କ ପରିବାର ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିବାରୁ ବଳାତ୍କାର ମାମଲା ରୁଜୁ ହୋଇ ହରିହର ପାଣିଙ୍କ ସହ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତେବେ ଅଭିଯୁକ୍ତ ପାଣି ମନ୍ତ୍ରୀଙ୍କ ପାଖ ଲୋକ ହୋଇଥିବାରୁ ତଦନ୍ତ ବାଟବଣା ହେବା ଆଶଙ୍କା କରି କଂଗ୍ରେସ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ନିରପେକ୍ଷ ତଦନ୍ତ ଦାବି କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତାଙ୍କୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ କର୍ମୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଦାରନାଥ ବରିହା,ବରିଷ୍ଠ ନେତା ଖତୁନାଥ ପିଙ୍ଗ, ସଞ୍ଜିତ ଶର୍ମା, ସଞ୍ଜୟ ମହାନନ୍ଦ, ଇରାତ ନାଏକ, ଅଶୋକ ଦାନୀ, ମନୋରଞ୍ଜନ ଦାସ, ଆଶିସ ସିଂ, ସିଦ୍ଧେଶ୍ୱର ପଣ୍ଡା, ମହମ୍ମଦ ସାଫିକ ଖାନ, ବିମଳା ମହାନନ୍ଦ, ଉକିଆ ବାଗ, ଗୋମତୀ କଉଡି, କ୍ଷୀର ଭଇଁଷା, ବନିତା ବାଘ, ଫାତିମା କିଣ୍ଡୋଙ୍କ ସମେତ ବହୁସଂଖ୍ୟକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

### ଦୁର୍ଘଟଣାରେ ଯୁବତୀ ମୃତ, ଯୁବକ ଗୁରୁତର

**ବିବାହ ସାମଗ୍ରୀ କିଣି ଘରକୁ ଫେରୁଥିଲେ**

ବରପାଲି,୨୪।୧୦(ଚିତ୍ତରଞ୍ଜନ ସାହୁ)

ବିବାହ ସାମଗ୍ରୀ କିଣି ଘରକୁ ଫେରୁଥିବା ବେଳେ ଗୁରୁବାର ବରପାଲି ଥାନା ଅଧୀନ ଜଗନ୍ନାଥ ନଗର ରୋଡ୍‌ର ଗଙ୍ଗାଧର ସ୍କୁଲ ସାମ୍ନାରେ ଟ୍ରକ୍ ଧକ୍କା ଦେବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତା ଯୁବତୀ ହେଲେ ସୋନପୁର ଜିଲା ଲଛିପୁର ଲକଟାମୁଣ୍ଡା ଗ୍ରାମର ରିମ୍‌ଝିମ୍ ମେହେର (୧୯)। ଏହି ଦୁର୍ଘଟଣାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଟାଲଜୁରୀ ଗ୍ରାମର ରାଜେଶ ମେହେର (୨୮) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବରପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଯୁବତୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ୨୬ ତାରିଖରେ ରିମ୍‌ଝିମ୍ ଓ ରାଜେଶଙ୍କ ବିବାହ ଥିବାରୁ ଉଭୟ ଏକ ବାଇକ୍ (ନଂ. ଓଡି୩ଏକ୍ସ/୦୭୯୫) ଯୋଗେ ବରପାଲିକୁ ବିବାହ ସାମଗ୍ରୀ କିଣିବା ପାଇଁ ଆସି ଘରକୁ ଫେରୁଥିଲେ। ଏହି ସମୟରେ ଜଗନ୍ନାଥ ନଗର ପଟୁ ଆସୁଥିବା ଏକ ଟ୍ରକ୍ (ନଂ.ଓଡି୧୫କେ/୭୧୮୭) ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜେଶ ଗୁରୁତର ହୋଇଥିଲେ। ଖବର ପାଇ ବରପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତର ଯୁବକଙ୍କୁ ବରପାଲି ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଟ୍ରକ୍‌କୁ ଅଟକ ରଖି ତଦନ୍ତ କରୁଛି।

### ପାଠ ପଢ଼ାଇବା ଛାଡ଼ି ମଦ କୋଠିରେ ଶିକ୍ଷକ

**କାର୍ଯ୍ୟାନୁଷ୍ଠାନ ଦାବି କଲେ ଏସ୍‌ଏମ୍‌ସି ସଦସ୍ୟ**

କୋକସରା,୨୪।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଏକ ଉଚ୍ଚ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ପିଲାଙ୍କୁ ପାଠ ପଢାଇବା ଛାଡି ମଦ କୋଠିରେ ଆସର ଜମାଉଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶିକ୍ଷକ ଜଣକ ସ୍କୁଲକୁ ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବାହାରୁ ଆସୁଛି କହି ମଦକୋଠିରେ ବସି ମଦ ପିଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ପୂର୍ବରୁ ମଧ୍ୟ ଶିକ୍ଷକ ଜଣକ ଅନେକ ସମୟରେ ମଦ ପିଇ ସ୍କୁଲ ଆସୁଥିବା ଓ ବିଶୃଙ୍ଖଳା କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏଭଳି ଶିକ୍ଷକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିତେଶ ସତନାମୀ, ତ୍ରିଲୋକ୍ୟ ସତନାମୀ, ଜଗନ୍ନାଥ ଶବର, ଭୁବନେ ଜାଲ, ପ୍ରେମଲାଲ ସତନାମୀ, ଗିରିଶ ଗ୍ରିତଲହରେ, ନାରାୟଣ ବେମାଲ, ଝଜ ପୂଜାରୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରିଣୀ ରଶ୍ମିତା ନେତାମଙ୍କୁ ପଚାରିବାରୁ ଘଟଣା ତାଙ୍କ ନଜରକୁ ଆସିଛି, ଭିଡିଓ କ୍ଲିପ ମଧ୍ୟ ସେ ଦେଖିଛନ୍ତି, ଏହା ଉପରେ ବିଭାଗୀୟ ତଦନ୍ତ ଚାଲିଛି, ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଧାନ ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

କୋକସରା,୨୪।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ବ୍ଲକର ୨୨ ପଞ୍ଚାୟତରେ ଖରିଫ ଧାନ ଚାଷ ପାଖାପାଖି ୧୮ହଜାର ୪୫ ହେକ୍ଟରରେ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଛୋଟ କିସମର ଧାନ ଏବେ ଅମଳକ୍ଷମ ଅବସ୍ଥାରେ ରହିଥିବା ବେଳେ ବଡ଼ କିସମର ଧାନ କ୍ଷୀର ଭରିବା ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ସମୟରେ ଧାନଫସଲରେ ବିପିଏଚ୍ ରୋଗପୋକର ପ୍ରାଦୁର୍ଭାବ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। କୃଷି ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ପରାମର୍ଶ ପରେ କୀଟନାଶକ ପ୍ରୟୋଗ କଲେ ମଧ୍ୟ ବିପିଏଚ୍ ରୋଗ କାବୁ ହେଉ ନ ଥିବା ନେଇ ସିର୍ଲିଗୁଡାର ଲୋକନାଥ ଭଇଁଶାଳ, ଯାଦବ ପୋଡ଼, କୋକସରାର ଚିତ୍ତରଞ୍ଜନ ପଟ୍ଟନାୟକ, ହୃଷୀକେଶ ରାଉତ, ପ୍ରକାଶ ଚନ୍ଦ୍ର ଶବର, ଅଜିତ ପଟ୍ଟନାୟକ, ଗହନାମୁଣ୍ଡା ଗ୍ରାମର ଉଚ୍ଛବ ରାଉତ, ପୀତାମ୍ବର ବିଶି, ଗମ୍ଭାରୀଗୁଡା ଗ୍ରାମର ଚିନ୍ତାମଣି ପଟେଲ, ତପନ ପଟେଲ, ମହୁଲମୁଣ୍ଡାର ଭୀମସେନ ଚିଲାଗୁନ, ଝରିଆଗୁଡାର କେଶରୀ ବଚ୍ଛା, ଗଗନ ପଟ୍ଟନାୟକ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି। ବିପିଏଚ ରୋଗପୋକ କିଛି ସମୟ ମଧ୍ୟରେ ଧାନ ବିଲକୁ ଚରି ଯାଉଥିବା ବେଳେ ଧାନକୁ ଅଗାଡି କରିଦେଉଛି। କଷ୍ଟ ଉପାର୍ଜିତ ସୁନାର ଫସଲ ନିମିଷକ ମଧ୍ୟରେ ନଷ୍ଟ ହୋଇଯାଉଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, କୃଷି ସମବାୟ, ଫାଇନାନ୍ସ କମ୍ପାନୀ, ମହାଜନୀ ଋଣ ନେଇ ଚାଷ କାର୍ଯ୍ୟରେ ବିନିଯୋଗ କରିଥିବା ବେଳେ ବିପିଏଚ ରୋଗପୋକ ସେମାନଙ୍କ ପାଇଁ କାଳ ସାଜିଛି। ଏ ନେଇ କୋକସରା ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ବ୍ଲକର ୭୯ ହେକ୍ଟରରେ ବିପିଏଚ୍ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ସେମଧ୍ୟରୁ ୫୪ ହେକ୍ଟର ନିୟନ୍ତ୍ରଣ ହୋଇ ସାରିଛି ଓ ୨୫ ହେକ୍ଟରରେ କିଛି ମାତ୍ରାରେ ବିପିଏଚ୍‌ର ପ୍ରଭାବ ରହିଛି ଓ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି କହିଛନ୍ତି।



ବିପିଏଚ୍ ରୋଗପୋକ ଲାଗିଥିବା ଧାନଫସଲ।

## ହିତାଧିକାରୀଙ୍କ ନାମରେ ଜବ୍‌କାର୍ଡ କରି ଟଙ୍କା ହଡ଼ପ

କୁନାଗଡ଼,୨୪।୧୦
(ସୁନୀଲ କୁମାର ସିଂହ/ଅଂଶୁମାନ ଯୋଶୀ)

**■ସରପଞ୍ଚ, ଜିଲାପରିଷଦ ଉପାଧ୍ୟକ୍ଷାଙ୍କ ନାମରେ ଜିଲାପାଳଙ୍କୁ ଅଭିଯୋଗ**

**■କାର୍ଯ୍ୟାନୁଷ୍ଠାନ ଦାବିକଲା ଭାଜପା**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିର୍ଚୈଗୁଡ଼ା ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ନାମରେ ଜବ୍‌କାର୍ଡ କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଏଥିରେ ପି.ଏମ୍. କିଷାନ, ସି.ଏମ୍. କିଷାନ, ଗ୍ୟାସ୍ ସବ୍‌ସିଡି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ରହିଛି। ଏହି ଘଟଣାରେ ସ୍ଥାନୀୟ ସରପଞ୍ଚ ପରମେଶ୍ୱର ମେହେର, ତାଙ୍କ ସ୍ତ୍ରୀ ତଥା ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ଓ ତତ୍କାଳୀନ ଜିଆର୍‌ଏସ୍ ପ୍ରମୁଖଙ୍କ ହାତ ରହିଥିବା ସନ୍ଦେହ କରି ହିତାଧିକାରୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ହିତାଧିକାରୀ ଯମୁନା ବାଗ ଓ କମଳ ଲୋଚନ ବାଗଙ୍କ ଅଭିଯୋଗକ୍ରମେ ସରକାରୀ କାମ କରିବା ପାଇଁ ଜବ୍‌କାର୍ଡ କରାଇଦେବାକୁ କହି ସରପଞ୍ଚ ସେମାନଙ୍କ ଅଜାଣତରେ ପାସ୍‌ବୁକ ଖୋଲି ଏଟିଏମ୍ ନିଜ ପାଖରେ ରଖି ଲକ୍ଷାଧିକ ଟଙ୍କା ହଡ଼ପ କରିଛନ୍ତି। ଏପରି କି ଏହି ଘଟଣା ପ୍ରଘଟ ନ କରିବାକୁ ଧମକ ଦେଇଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ଚିର୍ଚୈଗୁଡା ସରପଞ୍ଚ ପରମେଶ୍ୱର ମେହେରଙ୍କୁ ପଚାରିବାରୁ ରାଜନୈତିକ ଆକ୍ରୋଶ ରଖି ଏପରି କରାଯାଉଛି। ପଞ୍ଚାୟତରେ କୌଣସି ଶ୍ରମିକଙ୍କ ଟଙ୍କା ହେରଫେର ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ଜୁନାଗଡ଼ ଦଳୀୟ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଗରିବ ହିତାଧିକାରୀଙ୍କ ଟଙ୍କା ହଡ଼ପ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ବରିଷ୍ଠ ନେତା ହିମାଂଶୁ ଶେଖର ବରାଡ, କାଳିନ୍ଦ୍ରୀ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।




ଜୁନାଗଡ଼ ଦଳୀୟ କାର୍ଯ୍ୟାଳୟରେ ଭାଜପାର ଖବରଦାତା ସମ୍ମିଳନୀ।

